ବର୍ଷ-୨୫, ସଂଖ୍ୟା-୧୩୧
ଭୁବନେଶ୍ୱର
୧୪, ମଇ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 131
Bhubaneswar
14,May, 2025, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଆଦମପୁର ଏୟାରବେସ୍‌ରୁ ପାକିସ୍ତାନକୁ ଜବାବ

## ଆମର ସକ୍ଷମ ବାୟୁ ପ୍ରତିରକ୍ଷା ସମ୍ମୁଖରେ ପାକିସ୍ତାନ ବିଫଳ : ମୋଦୀ

## ବାୟୁସେନା ଆକ୍ରମଣରେ ଧ୍ୱଂସ କରିଥିବା ପାକିସ୍ତାନ ଦାବି କରିଥିଲା

## ଧର୍ମ ପ୍ରତିଷ୍ଠା ପାଇଁ ଅସ୍ତ୍ର ଧରିବା ଆମର ପରମ୍ପରା

## ବାୟୁସେନା, ନୌସେନା ଏବଂ ସେନାର ସମସ୍ତ ସାହସୀ ବୀରଙ୍କୁ ପ୍ରଣାମ





ଆଦମପୁର, ୧୩।୫(ମହାଭାରତ): ଚୀନ ନିର୍ମିତ ଜେଏଫ-୧୭ ଲଢୁଆ ବିମାନ ଆଦମପୁରରେ ନିୟୋଜିତ ରୁଷ ନିର୍ମିତ ଏସ-୪୦୦କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀକୁ ଧ୍ୱଂସ କରିଦେଇଛି ବୋଲି ପାକିସ୍ତାନ ଦାବି କରିଥିଲା ଆଜିସେହିଠାରୁ ହିଁ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀ ଆଜି ସକାଳ ୬ଟା ୧୫ରେ ହଠାତ ଦିଲ୍ଲୀର ପାଲମ ଏୟାରବେସ୍ ଦେଇ ଆଦମପୁର ଏୟାରବେସ୍ ରେ ପହଞ୍ଚିଥିଲେ। ଏହି ସମୟରେ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ମଧ୍ୟ ତାଙ୍କ ସହିତ ଥିଲେ। ପ୍ରଧାନମନ୍ତ୍ରୀ ସେଠାରେ ସେନା କର୍ମଚାରୀଙ୍କୁ ଭେଟି ସେମାନଙ୍କ ସହ କଥାବାର୍ତ୍ତା ମଧ୍ୟ କରିଥିଲେ। ସେ ସୈନିକମାନଙ୍କୁ ସମ୍ବୋଧିତ କଲେ। ଏହି ସମୟରେ, ପ୍ରଧାନମନ୍ତ୍ରୀ ପାକିସ୍ତାନ ସହିତ ସମ୍ପ୍ରତି ହୋଇଥିବା ସଂଘର୍ଷ ସମୟରେ କାର୍ଯ୍ୟରେ ସାମିଲ ଥିବା ଭାରତୀୟ ବାୟୁସେନା କର୍ମଚାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ସେ ପ୍ରାୟ ଗୋଟିଏ ଘଣ୍ଟା ପର୍ଯ୍ୟନ୍ତ ସେଠାରେ ରହିଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପାକିସ୍ତାନର ଡ୍ରୋନ୍, ୟୁଏଭି, ବିମାନ ଏବଂ କ୍ଷେପଣାସ୍ତ୍ର ଆମର ସକ୍ଷମ ବାୟୁ ପ୍ରତିରକ୍ଷା ସମ୍ମୁଖରେ ବିଫଳ ହୋଇଛି। ମୁଁ ଦେଶର ସମସ୍ତ ବାୟୁସେନା ଘାଟିର ନେତୃତ୍ୱ ଏବଂ ଭାରତୀୟ ବାୟୁସେନାର ପ୍ରତ୍ୟେକ ବାୟୁ ଯୋଦ୍ଧାଙ୍କୁ ହୃଦୟର ସହିତ ପ୍ରଶଂସା କରୁଛି। ଆପଣମାନେ ପ୍ରକୃତରେ ଏକ ଚମତ୍କାର କାମ କରିଛନ୍ତି। ଯେତେବେଳେ ଆମର ଡ୍ରୋନ୍ ଶତ୍ରୁର ଦୁର୍ଗର କାନ୍ଥକୁ ଧ୍ୱଂସ କରିଛି ସେତେବେଳେ ଆମର କ୍ଷେପଣାସ୍ତ୍ର ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା, ସେତେବେଳେ ଶତ୍ରୁ 'ଭାରତ ମାତା କି ଜୟ' ଶୁଣିଛି। ଆମର ସେନା ପରମାଣୁ ବ୍ଲାକମେଲର ଧମକକୁ ଆଉ ସହିବ ନାହିଁ। ଭାରତୀୟ ସେନା ଲକ୍ଷ ଲକ୍ଷ ଭାରତୀୟଙ୍କୁ ଗର୍ବିତ କରିଛନ୍ତି। ସେନା ପ୍ରତ୍ୟେକ ଭାରତୀୟଙ୍କ ମାତାଙ୍କୁ ଗର୍ବିତ କରିଛନ୍ତି। ସେନା ଇତିହାସ ସୃଷ୍ଟି କରିଛନ୍ତି।ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଁ ଗର୍ବର ସହିତ କହିପାରିବି ଯେ ତୁମେ ସମସ୍ତେ ସଠିକ ଭାବେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିଛି। ପାକିସ୍ତାନରେ, କେବଳ ଆତଙ୍କବାଦୀ ଶିବିର ଏବଂ ସେମାନଙ୍କର ବାୟୁସେନା ଘାଟି ଧ୍ୱଂସ ହୋଇ ନଥିଲା, ବରଂ ସେମାନଙ୍କର ଘୃଣ୍ୟ ଡିଜାଇନ୍ ଏବଂ ସାହସ ମଧ୍ୟ ପରାଜିତ ହୋଇଥିଲା।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆଜିଠାରୁ ଅନେକ ଦଶନ୍ଧି ପରେ ମଧ୍ୟ, ଯେତେବେଳେ ଭାରତର ଏହି ବୀରତ୍ୱର ଆଲୋଚନା ହେବ, ଆପଣ ଏବଂ ଆପଣଙ୍କ ସାଥୀ ଏହାର ସବୁଠାରୁ ପ୍ରମୁଖ ଅଧ୍ୟାୟ ହେବେ। ଆପଣମାନେ ସମସ୍ତେ ଦେଶର ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ନୂତନ ପ୍ରେରଣା ପାଲଟିଛନ୍ତି। ଆଜି, ଏହି ବୀର ଭୂମିରୁ, ମୁଁ ବାୟୁସେନା, ନୌସେନା ଏବଂ ସେନାର ସମସ୍ତ ସାହସୀ ସୈନିକ ଏବଂ ଆମର ବିଏସଏଫର ବୀରମାନଙ୍କୁ ପ୍ରଣାମ କରୁଛି। ତୁମର ବୀରତ୍ୱ ଯୋଗୁ ଅପରେସନ ସିନ୍ଦୂର ସାରା ବିଶ୍ୱରେ ପ୍ରତିଧ୍ୱନିତ ହେଉଛି। ପ୍ରତ୍ୟେକ ଭାରତୀୟ ଆପଣଙ୍କ ସହିତ ଅଛନ୍ତି। ଯେତେବେଳେ ଆମର ଭଉଣୀ ଏବଂ ଝିଅଙ୍କ ସିନ୍ଦୁର ଛଡ଼ାଇ ନିଆଯାଇଥିଲା, ଆମେ ଆତଙ୍କବାଦୀଙ୍କ ଘରେ ପଶି ସେମାନଙ୍କୁ ଧ୍ୱଂସ କରିଦେଲୁ।

ଆତଙ୍କବାଦ ବିରୋଧରେ ଭାରତର ଲକ୍ଷ୍ମଣ ରେଖା ଏବେ ବହୁତ ସ୍ପଷ୍ଟ। ଏବେ ଯଦି ଆଉ ଏକ ଆତଙ୍କବାଦୀ ଆକ୍ରମଣ ହୁଏ, ତେବେ ଭାରତ ଜବାବ ଦେବ ଏବଂ ଦୃଢ଼ ଜବାବ ଦେବ। ଆମେ ସର୍ଜିକାଲ୍ ଷ୍ଟ୍ରାଇକ୍ ଏବଂ ଏୟାର ଷ୍ଟ୍ରାଇକ୍ ସମୟରେ ଏହା ଦେଖିଛୁ। ଏବେ ଅପରେସନ ସିନ୍ଦୂର ଭାରତର ନୂତନ ଗେରବ ଆଣିଛି। ଭାରତ ଏବେ ତିନୋଟି ନୀତି ଉପରେ ନିଷ୍ପତ୍ତି ନେଇଛି।ପ୍ରଥମ - ଯଦି ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ ହୁଏ, ତେବେ ଆମେ ଆମ ନିଜସ୍ୱ ଉପାୟରେ, ନିଜସ୍ୱ ସର୍ତ୍ତରେ ଏବଂ ନିଜସ୍ୱ ସମୟରେ ଜବାବ ଦେବୁ।ଦ୍ୱିତୀୟ - ଭାରତ କୌଣସି ପରମାଣୁ ବ୍ଲାକମେଲ୍ ସହ୍ୟ କରିବ ନାହିଁ। ତୃତୀୟ - ଆମେ ଆତଙ୍କବାଦୀଙ୍କ ପୃଷ୍ଠପୋଷକତା ପ୍ରଦାନକାରୀ ସରକାର ଏବଂ ସେମାନଙ୍କର ମାଲିକମାନଙ୍କୁ ପୃଥକ ଭାବରେ ଦେଖିବୁ ନାହିଁ।

ବିଶ୍ୱ ମଧ୍ୟ ଭାରତର ଏହି ନୂତନ ରୂପ, ଏହି ନୂତନ ବ୍ୟବସ୍ଥାକୁ ବୁଝି ଆଗକୁ ବଢୁଛି। ଅପରେସନ ସିନ୍ଦୂରର ପ୍ରତ୍ୟେକ ମୁହୂର୍ତ୍ତ ଭାରତୀୟ ସେନାର ଶକ୍ତିର ପ୍ରମାଣ ବହନ କରିଛି। ନୌସେନା ସମୁଦ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲା, ସେନା ସୀମାକୁ ସୁଦୃଢ଼ କରିଥିଲା ଏବଂ ବାୟୁସେନା ଆକ୍ରମଣ କରି ପ୍ରତିରକ୍ଷା କରିଥିଲା।

# ସିବିଏସଇ ଦ୍ୱାଦଶ ଓ ଦଶମ ରେଜଲ୍ଟ

ଭୁବନେଶ୍ୱର, ୧୩।୪(ମହାଭାରତ:) ଆଜି ସିବିଏସଇ ଦ୍ୱାଦଶ ଓ ଦଶମ ଶ୍ରେଣୀ ପରୀକ୍ଷା ଫଳ ପାଇଛି।

ଦ୍ୱାଦଶରେ ପାସ ହାର ୮୮.୩୯ ପ୍ରତିଶତ । ସମସ୍ତ ବିଭାଗରେ ପ୍ରକାଶ ପାଇଲା ପରୀକ୍ଷା ଫଳ । ପୁଅଙ୍କୁ ପଛରେ ପକାଇଲେ ଝିଅ । ୯୧ ପ୍ରତିଶତରୁ ଅଧିକ ଝିଅ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ଦ୍ୱାଦଶରେ ପାସହାର ୮୮.୩୯ପ୍ରତିଶତ ରହିଛି । ଛାତ୍ରୀଙ୍କ ପାସ୍‌ହା ର ୯୧.୬୪ପ୍ରତିଶତ ରହିଥିବା ବେଳେ ଛାତ୍ରଙ୍କ ପାସହାର ୮୫.୭୦ପ୍ରତିଶତ ରହିଛି । ଓଡ଼ିଶାରେ ପାସହାର ୭୮.୭୪ପ୍ରତିଶତ ରହିଛି । ୪୦ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୩୨ହଜାରରୁ ଅଧିକ ଛାତ୍ରଛାତ୍ରୀ ପାସ କରିଛନ୍ତି । ଭୁବନେଶ୍ୱର ଜୋନରେ ମୋଟ ୮୩.୬୪ପ୍ରତିଶତ ପାସ୍‌ହାଲର



ରହିଥିବା ବେଳେ ସେଥିମଧ୍ୟରୁ ୭୭.୦୫ ପ୍ରତିଶତ ଛାତ୍ରୀ ରହିଛନ୍ତି ଏବଂ ୮୦.୭୭ପ୍ରତିଶତ ଛାତ୍ର ପାସ କରିଛନ୍ତି।

ସିବିଏସଇ ଦଶମ ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି । ସିବିଏସଇ ୱେବସାଇଟରେ ରେଜଲ୍ଟ ଉପଲବ୍ଧ ହୋଇଛି । ଚଳିତ ବର୍ଷ ମୋଟ ପାସ୍‌ହାବର ୯୩.୬୬ପ୍ରତିଶତ ରହିଛି । ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍‌ହାଇର ୨.୩୭ପ୍ରତିଶତ ଅଧିକ ରହିଛି । ଗତବର୍ଷ ତୁଳନାରେ ୦.୦୬ପ୍ରତିଶତ ଅଧିକ ରହିଛି । ଭୁବନେଶ୍ୱର ଜୋନରେ ପାସ୍‌ହାଚର ୯୨.୬୪ପ୍ରତିଶତ ରହିଛି । ଦଶମ ରେଜଲ୍ଟରେ ସଫଳତାରେ ତ୍ରିଭେନ୍ଦ୍ରମ ଆଗରେ ରହିଥିବା ବେଳେ ଏଠାରେ ପାସ୍‌ହା.ର ୯୯.୭୯ପ୍ରତିଶତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଚଳିତବର୍ଷ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବଙ୍ଗୋପସାଗରରେ ଆସୁଛି ବାତ୍ୟା ଶକ୍ତି !

ନୂଆଦିଲ୍ଲୀ, ୧୩।୫(ମହାଭାରତ): ମେ ମାସରେ ବାତ୍ୟା ଭୟ। ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ବାତ୍ୟା। ଯଦି ତ୍ୟା ସୃଷ୍ଟି ହେବ, ତାହେଲେ ଏହାର ନାଁ ଶକ୍ତି ରଖାଯିବ। ଶ୍ରୀଲଙ୍କା ଏହାର ନାମକରଣ କରିବ। ମଙ୍ଗଳବାର ଭାରତୀୟ ପାଣିପାଗ ବିଭାଗ କହିଛି ଯେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ବଙ୍ଗୋପସାଗର, ଦକ୍ଷିଣ ଆଣ୍ଡାମାନ ସାଗର, ନିକୋବର ଦ୍ୱୀପପୁଞ୍ଜ ଓ ଉ□ର ଆଣ୍ଡାମାନ ସାଗରର କିଛି ଅଂଶରେ ସକ୍ରିୟ ହୋଇଛି ସେହିପରି ବଙ୍ଗୋପସାଗରରେ ଗୋଟିଏ ତ୍ୟାଦାନା ବାନ୍ଧିବାର ସଙ୍କେତ ମିଳିଛି ହେଲେ ଏହା ନିଶ୍ଚିତ ହୋଇନାହିଁ ।

ମଙ୍ଗଳବାର ଆଇଏମଡି କହିଛି, ଆଣ୍ଡାମାନ ସାଗର ଉପରେ ଗୋଟିଏ ଘୂର୍ଣ୍ଣିବଳୟ ସମୁଦ୍ର ପତନରୁ ୧.୫ କିମି ଓ ୭.୬ କିମି ମଧ୍ୟରେ ରହିଛି। ଏହାର ମୁହଁ ଦକ୍ଷିଣ ପଶ୍ଚିମ ଦିଗ ଆଢ଼େ ରହିଛି ଗୋଟିଏ ଘୂର୍ଣ୍ଣିବଳୟ ଉ□ର ପଶ୍ଚିମ ଉ□ର ପ୍ରଦେଶ ଉପରେ ଓ ଆଉ ଗୋଟିଏ ପଶ୍ଚିମ ରାଜସ୍ଥାନ ଉପରେ କେନ୍ଦ୍ରୀଭୂତ ହୋଇଛି।

ସ୍ଥାନୀୟ ପାଣିପାଗ ବିଭାଗର ତଥ୍ୟ ଅନୁସାରେ, ଆସନ୍ତା ୧୬ରୁ ୨୨ ତାରିଖ ମଧ୍ୟରେ ଗୋଟିଏ ଲଘୁଚାପ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ। ଏହା ଘନୀଭୂତ ହେବାର ଆଶଙ୍କା ଯଥେଷ୍ଟ ରହିଛି ସମ୍ଭବତଃ ଏହା ବାତ୍ୟାରେ ମଧ୍ୟ ପରିଣତ ହୋଇପାରେ।

ବାଂଲାଦେଶୀ ପାଣିପାଗ ବିଶେଜ୍ଞ ମୁସ୍ତାଫା କମଲ ପାଲାଶ ଚେତାବନୀ ଦେଇଛନ୍ତି ଯେ ବଙ୍ଗୋପସାଗର ଉପରେ ଗୋଟିଏ ବାତ୍ୟାର ଆଶଙ୍କା ରହିଛି।୧୬ରୁ ୧୮ ତାରିଖ ମଧ୍ୟରେ ଗୋଟିଏ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହାପରେ ଏହା ୨୩ରୁ ୨୮ ତାରିଖ ମଧ୍ୟରେ ଘନୀଭୂତ ହୋଇ ବାତ୍ୟାର ରୂପ ନେବ। ହେଲେ ଏହାର ତୀବ୍ରତା ସମ୍ପର୍କରେ ସେ କିଛି ବି କହି ନାହାନ୍ତି।

ପାଣିପାଗ ବିଶେଷଜ୍ଞଙ୍କ କହିବା କଥା ଯେ ଯେହେତୁ ଆଣ୍ଡାମାନ ସାଗରର ଉପରି ଭାଗରେ ଘୂର୍ଣ୍ଣିବଳୟର ଉପସ୍ଥିତି ରହିଛି, ତେଣୁ ୧୬ରୁ ୨୨ତାରିଖରେ ମଧ୍ୟରେ ଲଘୁଚାପ ସୃଷ୍ଟି ହୋଇପାରେ। ଏହା ବାତ୍ୟାରେ ମଧ୍ୟ ପରିଣତ ହୋଇପାରେ ବାତ୍ୟା ସୃଷ୍ଟି ହେଲେ ଏହା ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ କିମ୍ବା ବାଂଲାଦେଶର କୁଲନା ଓ ଚଟ୍ଟୋଗ୍ରାମ ମଧ୍ୟରେ ଲ୍ୟାଣ୍ଡଫଲ କରିପାରେ।

ଆଇଏମଡି ବାତ୍ୟା ସମ୍ପର୍କରେ କିଛି ବି ଏଯାଏ କହିନି ।ଏବେ ଠାରୁ ବାତ୍ୟା ସମ୍ପର୍କରେ ଆକଳନ କରିବା ସମ୍ଭବ ନୁହେଁ।ଘୂର୍ଣ୍ଣି ବଳୟ କିମ୍ବା ଲଘୁଚାପ ସୃଷ୍ଟି ହେବା ପରେ ଏ ସମ୍ପର୍କରେ ପୂର୍ବାନୁମାନ କରାଯିବ ବୋଲି ଆଇଏମଡି କହିଛି।

# ମୟୂରଭଞ୍ଜ ବିକାଶ ପାଇଁ ୪୨୦ କୋଟିର ପ୍ରକଳ୍ପ

ବିଶୋଇ, ୧୩।୫(ମହାଭାରତ); ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ମୟୂରଭଞ୍ଜର ବିଶୋଇ ଠାରେ ଜିଲ୍ଲାର ବିଭିନ୍ନ ବ୍ଲକ ପାଇଁ ୪୨୦ କୋଟିରୁ ଉର୍ଦ୍ଧ୍ୱଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ, ବିଶୋଇ ବ୍ଲକ ମୁଖ୍ୟାଳୟ ଠାରେ ଏକ +୨ ମହାବିଦ୍ୟାଳୟ ସ୍ଥାପନ କରିବା ପାଇଁ ଓ ବିଶୋଇ ସ୍ଥିତ ମିନି ଷ୍ଟାଡିଅମକୁ ମହାପୁରୁଷ ଧରଣୀଧର ନାଏକଙ୍କ ନାମରେ ନାମିତ କରିବା ଏବଂ ସେଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।



ସୂଚନାଯୋଗ୍ୟଯେ ଜିଲ୍ଲାର ବିଭିନ୍ନ ବ୍ଲକ ପାଇଁ ୪୨୦ କୋଟିରୁ ଉର୍ଦ୍ଧ୍ୱଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ମଧ୍ୟରେ ୩୨୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୩୩ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ୯୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୫୨ ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

ବିଶୋଇ ମିନିଷ୍ଟାଡିଅମ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ମୟୂରଭଞ୍ଜ ଜିଲ୍ଲାର ବିକାଶ ଯାତ୍ରାରେ ଏ ସବୁ ପ୍ରକଳ୍ପ ଗୁଡ଼ିକ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିଲା। ଆଜି ଦିନଟି ଜିଲ୍ଲାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ଏହି ସମସ୍ତ ପ୍ରକଳ୍ପ ଗୁଡ଼ିକ ରାଇରଙ୍ଗପୁର, କୁସୁମି, ବିଜାତଳା, ବହଳଦା, ଜାମ୍‌ଦା, ତିରିଂ ଅଂଚଳରେ ବିକାଶର ଏକ ନୂଆଧାରା ସୃଷ୍ଟି କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ। ଏହିସବୁ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ, ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ, ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତି କରଣ, ବ୍ୟାଙ୍କ ସୁବିଧା, ସ୍ୱାସ୍ଥ୍ୟକେନ୍ଦ୍ର, ସଡକ ନିର୍ମାଣ ପ୍ରକଳ୍ପ, ଆଦିବାସୀ ସଂସ୍କୃତି ଭବନ ଏବଂ ଅନ୍ୟାନ୍ୟ ସରକାରୀ ଭିତ୍ତିଭୂମି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଜି କେନ୍ଦ୍ରସରକାରଙ୍କ ସହଯୋଗରେ ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବା ପାଇଁ ଯାଉଛି। ଆମ ସରକାର ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି। ଉତ୍କର୍ଷ ଓଡ଼ିଶାର ଅପାର ସଫଳତା ଆମ ପାଇଁ ଏହି ନୂଆ ସୁଯୋଗ ଆଣିଛି। ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନର ସମ୍ଭାବନା ସୃଷ୍ଟି ହୋଇଛି। ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଆଗାମୀ ଦିନରେ ଅନେକ ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବ । ଜିଲ୍ଲାରେ ୧୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା ହେବ। ଏହି ଶିଳ୍ପାୟନ ଜିଲ୍ଲାର ବିକାଶକୁ ଦ୍ୱିଗୁଣିତ କରିବା ସହିତ ଜିଲ୍ଲାବାସୀଙ୍କ ରୋଜଗାର ଓ ନିଯୁକ୍ତି ପାଇଁ ବ୍ୟାପକ ସୁଯୋଗ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଆମ ସରକାର ହେଉଛି, ଲୋକଙ୍କ ସରକାର। ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ। ଶାସନ ବ୍ୟବସ୍ଥାରେ ଏଥିପାଇଁ ଆମେ ପରିବର୍ତ୍ତନ ଆଣିଛୁ। ବର୍ଷ ବର୍ଷ ଧରି ଲୋକଙ୍କ ଆପତି ଅଭିଯୋଗ ସରକାର ଓ ଜନ ପ୍ରତିନିଧିମାନେ ଶୁଣୁନଥିଲେ। ଆମେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛୁ। ସେଥିପାଇଁ ନିର୍ବାଚିତ ଲୋକ ପ୍ରତିନିଧିମାନେ ସିଧାସଳଖ ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ତାର ସମାଧାନର ବ୍ୟବସ୍ଥା କରୁଛନ୍ତି । ଓଡ଼ିଶାର ବିଶେଷ କରି ଗ୍ରାମାଞ୍ଚଳର ମହିଳାମାନେ ଆଜି ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ଓ ସ୍ୱାବଲମ୍ବୀ ହୋଇଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳବାସୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ନିଶ୍ଚିତ ରୂପେ ଏକ ଭଲ ସମୟ ଆସିଛି ବୋଲି ସେ କହିଥିଲେ।

# ପାକିସ୍ତାନୀ କୂଟନୀତିଜ୍ଞଙ୍କୁ ବହିଷ୍କାର କଲା ଭାରତ

ନୂଆଦିଲ୍ଲୀ, ୧୩।୫(ମହାଭାରତ: ଭାରତ ସରକାର ଜଣେ ପାକିସ୍ତାନୀ କୂଟନୀତିଜ୍ଞଙ୍କୁ ବହିଷ୍କାର କରି ୨୪ ଘଣ୍ଟା ମଧ୍ୟରେ ଦେଶ ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତି ଗୁପ୍ତଚର କାର୍ଯ୍ୟକଳାପ ସହ ଜଡ଼ିତ ଅଭିଯୋଗ ପରେ ନିଆଯାଇଛି। ଭାରତୀୟ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହି ଘୋଷଣା କରାଯାଇଛି, ଯାହା ଦୁଇ ଦେଶ ମଧ୍ୟରେ ଚାଲିଆସୁଥିବା ରାଜନୈତିକ ଉତ୍ତେଜନାକୁ ଆହୁରି ବଢ଼ାଇଛି।ସୂଚନା ଅନୁସାରେ, ପାକିସ୍ତାନୀ ଅଧିକାରୀଙ୍କ ବିରୋଧରେ ଅନୁପଯୁକ୍ତ କାର୍ଯ୍ୟକଳାପରେ ସାମିଲ ଥିବା ଅଭିଯୋଗ ରହିଛି। ଭାରତ ସରକାର ଏହାକୁ ଗମ୍ଭୀରତାର ସହ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବୈଦେଶିକ ମନ୍ତ୍ରାଳୟ ଏକ ବିବୃତିରେ କହିଛି ଯେ, ଏହା ଦେଶର ସୁରକ୍ଷା ଓ ସାର୍ବଭୌମତ୍ୱ ସହ ଆପୋଷ କରୁଥିବା କାର୍ଯ୍ୟକୁ ବରଦାସ୍ତ କରିବ ନାହିଁ। ମଙ୍ଗଳବାର ପାକିସ୍ତାନ ହାଇ କମିଶନର ଚାର୍ଜ ଡି' ଆଫେୟାର୍ସଙ୍କୁ ଏ ସମ୍ପର୍କରେ ଏକ 'ଡିମାର୍ଚ୍ଚେ' ଜାରି କରାଯାଇଛି । 'ଡିମାର୍ଚ୍ଚେ'ଅର୍ଥ ହେଉଛି ସରକାର ଏହି ବିଷୟରେ ପାକିସ୍ତାନକୁ ଆନୁଷ୍ଠାନିକ ଭାବରେ ପ୍ରତିବାଦ କରିଛନ୍ତି।ଏହିକାର୍ଯ୍ୟଗୁଡ଼ିକୁ ସହ୍ୟ କରାଯିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି।

# ବିସ୍ଫୋରଣରେ ଦୁଇ ମୃତ

ବଡ଼ଚଣା, ୧୩।୫(ମହାଭାରତ): ବୈରିଥାନା ଛତିଆ। ଫାଣ୍ଡି ଅଧିନସ୍ଥ ଛତିଆ ବାଇପାସ ଛକରେ ଆଜି ମଧ୍ୟାହ୍ନରେ ବୋମା ବିସ୍ଫୋରଣ ଘଟି ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ନୁଯାୟୀ ଏକ ପଲସର ବାଇକରେ ତିନିଜଣ ଯୁବକ ଯାଉଥିବା ବେଳେ ଅସାବଧାନତା ବଶତଃ ସାଙ୍ଗରେ ନେଉଥିବା ବୋମା ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ସାଙ୍ଗରେ ନେଉଥିବା ଦୁଇଜଣଙ୍କ ଶରୀର ଖଣ୍ଡ ବିଖଣ୍ଡ ଅବସ୍ଥାରେ ରାସ୍ତାରେ ବିଛାଡି ହୋଇପଡିଥିଲା ଅନ୍ୟ ଜଣଙ୍କର ଶରୀର ଏହି ବିସ୍ଫୋରଣରେ ପୋଡିଯାଇଛି। ବୈରୀ ଥାନା ଅଧିକାରୀଣି ଅଂଶୁମାଳା ଦାସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଯୁବକକୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛନ୍ତି। ଘଟଣା ସ୍ଥଳରେ ଯାଜପୁର ଏସ.ପି ଦର୍ପଣ ତହସିଲଦାର ମାନସ ତ୍ରିପାଠୀ, ଯାଜପୁର ଏସ ଡି ପିଓ ଲକ୍ଷ୍ମୀଧର ସ୍ୱାଇଁ, ବଡ଼ଚଣା ଥାନାଧିକାରୀ ମଧୁସ୍ମିତା ବେହେରାଙ୍କ ସମେତ ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ମୃତ ଯୁବକ କିମ୍ବା ଗୁରୁତର ଙ୍କ ଠିକଣା ମିଳି ପାରି ନାହିଁ।

# ତିନି ଆତଙ୍କବାଦୀ ନିହତ

ଶୋପିୟାଂ, ୧୩।୫(ମହାଭାରତ): ଦକ୍ଷିଣ କଶ୍ମୀରର ଶୋପିୟାଂ ଜିଲ୍ଲାର ଶୁକରୁ କେଲର ଅଂଚଳରେ ସୁରକ୍ଷାବଳର ଏନକାଉଂଟରରେ ତିନି ଆତଙ୍କବାଦୀ ନିହତ ହୋଇଛନ୍ତି । ସେନା ପକ୍ଷରୁ ଏକ୍ସ ପୋଷ୍ଟରେ କୁହାଯାଇଛି ଯେ, ସ୍ୱତନ୍ତ୍ର ସୂଚନା ଆଧାରରେ କେଲର ଅଂଚଳରେ ତଲାସୀ ଅଭିଯାନ କରାଯାଇଥିଲା। ଏହି ସମୟରେ ଆତଙ୍କବାଦୀଙ୍କ ସହିତ ଗୁଳି ବିନିମୟ ହୋଇଥିଲା। ସେନା ଅନୁସାରେ ଅପରେସନ ସମୟରେ ଆତଙ୍କବାଦୀମାନେ ପ୍ରବଳ ଗୁଳିବର୍ଷା କରିଥିଲେ, ଯାହା ପରେ ଗୋଟିଏ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ଏହି ଗୁଳିକାଣ୍ଡରେ ତିନି ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି, ଅପରେସନ ଏବେବି ଜାରି ଅଛି। ମେ ୧୩ ତାରିଖରେ ରାଷ୍ଟ୍ରୀୟ ରାଇଫଲ୍ସ ୟୁନିଟର ଏକ ବିଶେଷ ଗୁପ୍ତଚର ୟୁନିଟ ଶୋପିୟାନର ଶୋକଲ କେଲର ଅଞ୍ଚଳରେ ଆତଙ୍କବାଦୀମାନଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇଥିଲା।

# ଟ୍ରମ୍ପଙ୍କ ବାଣିଜ୍ୟ ଓ ଆଣବିକ ଲଢ଼େଇ ଦାବିକୁ ଖଣ୍ଡନ କଲା ନୂଆଦିଲ୍ଲୀ

ନୂଆଦିଲ୍ଲୀ, ୧୩।୫(ମହାଭାରତ):: ବାଣିଜ୍ୟର ଧମକ ଦେଇ ଭାରତ ଓ ପାକିସ୍ତାନକୁ ଯୁଦ୍ଧ ବିରତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାଧ କରିଥିଲେ। ଦୁଇ ଦେଶ ମଧ୍ୟରେ ଆଣବିକ ଯୁଦ୍ଧକୁ ଟ୍ରମ୍ପ ହସ୍ତକ୍ଷେପ କରି ରୋକିବାକୁ ସକ୍ଷମ ହୋଇଥିଲେ। ଏମିତି କିଛି ନିଜେ ଟ୍ରମ୍ପ ବାହାସ୍ଫୋଟ ମାରି ଯୁଦ୍ଧ ବିରତିର ଶ୍ରେୟ ନେବାକୁ ଚେଷ୍ଟା କରୁଥିଲେ ହେଁ ଭାରତ ସରକାର ଏହାକୁ ଖଣ୍ଡନ କରିଛନ୍ତି ପାକିସ୍ତାନ ସହ ବିବାଦ ମଧ୍ୟରେ ଭାରତ ଓ ଆମେରିକା ମଧ୍ୟରେ ଏକାଧିକ ଥର କଥାବା□ା ହୋଇଛି। ହେଲେ ଏହି ଆଲୋଚନା ବେଳେ ବାଣିଜ୍ୟ ପ୍ରସଙ୍ଗ ଆଦୌ ଉଠି ନଥିବା ଆଜି ଭାରତ ସରକାର ସ୍ପଷ୍ଟ କରିଛନ୍ତି।

ଟ୍ରମ୍ପଙ୍କ ମନ୍ତବ୍ୟ ଉପରେ ପଚରା ଯାଇଥିବା ପ୍ରଶ୍ନର ଉ□ରରେ ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ପାକିସ୍ତାନ ସହ ବିବାଦ ଚାଲିଥିବା ବେଳେ ଭାରତ ଓ ଆମେରିକାର ନେତୃବୃନ୍ଦଙ୍କ ମଧ୍ୟରେ ଯୋଗାଯୋଗ ରହିଥିଲା। ହେଲେ କୌଣସି ସମୟରେ ମଧ୍ୟ ଉଭୟ ଦେଶ ବାଣିଜ୍ୟ ବା ଟ୍ରେଡ ସମ୍ପର୍କରେ ଆଲୋଚନା କରି ନାହାନ୍ତି। ମନ୍ତ୍ରଣାଳୟ କହିଛି, ମେ ୭ରେ ଆରମ୍ଭ ହୋଇଥିବା ଅପରେସନ ସିନ୍ଦୂର ଠାରୁ ଆରମ୍ଭ କରି ମେ ୧୦ ତାରିଖ ଯୁଦ୍ଧ ବିରତି ଯାଏ ଭାରତୀୟ ଓ ଆମେରିକୀୟ ନେତୃବୃନ୍ଦଙ୍କ ମଧ୍ୟରେ ଏକାଧିକ ଥର ଆଲୋଚନା ହୋଇଥିଲା । ସବୁ ଆଲୋଚନା ସାମରିକ ସ୍ଥିତି ସମ୍ପର୍କରେ ରହିଥିଲା ।କିନ୍ତୁ କୌଣସି ଆଲୋଚନାରେ ଟ୍ରେଡ ପ୍ରସଙ୍ଗ ଉଠି ନଥିଲା।



ଭାରତ-ପାକିସ୍ତାନ ମଧ୍ୟରେ ସମ୍ଭାବ୍ୟ ଆଣବିକ ଲଢ଼େଇକୁ ରୋକିବାର ଶ୍ରେୟ ଟ୍ରମ୍ପ ନେବା ସହ ଦୁଇ ଦେଶକୁ ଅସ୍ତ୍ର ବିରତି ପାଇଁ ରାଜି କରାଇଥିବା କହିଥିଲେ ଟ୍ରମ୍ପ। ଦାବି କରିଥିଲେ ଯେ ସେ ଉଭୟ ଦେଶକୁ ବାଣିଜ୍ୟରେ ସାହାଯ୍ୟ କରିବେ ବୋଲି ଅଫର କରିଥିଲେ। ଯଦି ଭାରତ ଓ ପାକିସ୍ତାନ ଉ□ଜନା ହ୍ରାସ ନ କରିବେ, ତାହେଲେ ଆମେରିକା ଉଭୟ ଦେଶ ସହ ବାଣିଜ୍ୟ ସମ୍ପର୍କ ଛିନ୍ନ କରିବ ବୋଲି ଚେତାବନୀ ଦେଇଥିଲେ। ଏହାପରେ ଭାରତ ଓ ପାକିସ୍ତାନ ଯୁଦ୍ଧ ବିରତି ପାଇଁ ରାଜି ହୋଇଥିବା ଟ୍ରମ୍ପ ପୂରା ବିଶ୍ୱକୁ ଅବଗତ କରାଇଥିଲେ। କିନ୍ତୁ ଭାରତ ସରକାର ଆଜି ଟ୍ରମ୍ପଙ୍କ କଥାରେ କୌଣସି ସ୍ୱୟତା ନଥିବା କହିଛନ୍ତି।

ଯୁଦ୍ଧ ବିରତି ଓ ଅନ୍ୟ ଦେଶର ଭୂମିକା ସମ୍ପର୍କିତ ପ୍ରଶ୍ନରେ ବୈଦେଶିକ ମନ୍ତ୍ରଣାଳୟ କହିଛି, ନିର୍ଦ୍ଦିଷ୍ଟ ତାରିଖ, ସମୟ ଓ ବୁଝାମଣାର ବିଷୟବସ୍ତୁ ସବୁ କିଛି ଦୁଇ ଦେଶର ଡିଜିଏମଓଙ୍କ ମଧ୍ୟରେ ହୋଇଥିବା ମେ ୧୦ ତାରିଖ ଫୋନ କଲରେ ସ୍ଥିର ହୋଇଥିଲା ୧୦ ତାରିଖ ଅପରାହ୍ନ ୩.୩୫ରେ ଉଭୟ ଦେଶର ଡିଜିଏମଓ କଥା ହୋଇଥିଲେ। ବୈଦେଶିକ ସଚିବ ଏ ସମ୍ପର୍କରେ ଗୋଟିଏ ବିବୃତି ମଧ୍ୟ ଜାରି କରିଥିଲେ।

ମନ୍ତ୍ରଣାଳୟ ଆହୁରି କହିଛି ଯେ ଯୁଦ୍ଧ ବିରତି ଆଲୋଚନା ପାଇଁ ପାକିସ୍ତାନ ହାଇକମିଶନ ପକ୍ଷରୁ ଭାରତର ବୈଦେଶିକ ମନ୍ତ୍ରଣାଳୟକୁ ଦିନ ୧୨.୩୭ରେ ଯୋଗାଯୋଗ କରାଯାଇଥିଲା। ବୈଷୟିକ ତ୍ରୁଟି କାରଣରୁ ପାକିସ୍ତାନ ହଟଲାଇନରେ ଯୋଗାଯୋଗ କରିବାକୁ ପୂର୍ବରୁ ଚେଷ୍ଟା କରି ବିଫଳ ହୋଇଥିଲା ।ଭାରତୀୟ ଡିଜିଏମଓଙ୍କ ଉପଲବ୍ଧିକୁ ବିଚାରକୁ ନିଆଯାଇ ସମୟ ଦିନ ୩.୨୫ ଧାର୍ଯ୍ୟ କରାଯାଇଥିଲା।

ଯୁଦ୍ଧ ବିରତି ପଛର ଗୁରୁତ୍ୱକୁ ବୁଝାଇବାକୁ ଯାଇ ମନ୍ତ୍ରଣାଳୟ କହିଛି, ମେ ୧୦ ତାରିଖ ସକାଳେ ଆମେ ବେଶ ପ୍ରଭାବଶାଳୀ ଢଙ୍ଗରେ ପାକିସ୍ତାନର ଏକାଧିକ ଏୟାର ବେସ୍‌ରେ ବଡ଼ ପ୍ରହାର କରିଥିଲୁ ।ଏହି ଆକ୍ରମଣରେ ଥରହର ହୋଇ ସେମାନେ ସାମରିକ କାର୍ଯ୍ୟାନୁଷ୍ଠାନ ରୋକିବାକୁ ଆଗେଇ ଆସିଥିଲେ। ଏଠାରେ ଆମେ ସ୍ପଷ୍ଟ କରିବାକୁ ଚାହୁଁଛୁ ଯେ ଭାରତୀୟ ସେନାର ଜବାବୀ କାର୍ଯ୍ୟାନୁଷ୍ଠାନ ଯୋଗୁ ପାକିସ୍ତାନ ଅସ୍ତ୍ରବିରତି ପାଇଁ ନିଜ ତରଫରୁ ଆଗେଇ ଆସିଥିଲା।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଣବିକ ଯୁଦ୍ଧ ଥିଓରୀକୁ ମଧ୍ୟ ବୈଦେଶିକ ମନ୍ତ୍ରଣାଳୟ ଗୋଟିଏ ସ୍ୱରରେ ଖଣ୍ଡନ କରିଛି। ଟ୍ରମ୍ପ ଦାବି କରିଥିଲେ ଯେ ତାଙ୍କ ହସ୍ତକ୍ଷେପ ଯୋଗୁ ଭାରତ-ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଆଣବିକ ଯୁଦ୍ଧର ଭୟ ଟଳିଥିଲା କିନ୍ତୁ ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ ସାମରିକ କାର୍ଯ୍ୟାନୁଷ୍ଠାନ ସଂପୂର୍ଣ୍ଣ ଭାବେ ପାରମ୍ପରିକ ନୀତି ଆଧାରରେ ଥିଲା।

ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସାଲ କହିଛନ୍ତି, ସାମରିକ କାର୍ଯ୍ୟାନୁଷ୍ଠାନ ସଂପୂର୍ଣ୍ଣ ଭାବେ ପାରମ୍ପରିକ ରହିଥିଲା। କିଛି ରିପୋର୍ଟ ପ୍ରକାଶ ପାଇଥିଲା ଯେ ପାକିସ୍ତାନର ନ୍ୟାଶନାଲ କମାଣ୍ଡ ଅଥୋରିଟୀ ମେ ୧୦ ତାରିଖରେ ବୈଠକ କରିବେ କିନ୍ତୁ ଏହାକୁ ସେମାନେ ହିଁ ଖଣ୍ଡନ କରିଛନ୍ତି ଆଣବିକ ଯୁଦ୍ଧା ଅସ୍ତ୍ର ଉପରେ ପାକିସ୍ତାନର ନ୍ୟାଶନାଲ କମାଣ୍ଡ ଅଥୋରିଟୀ ହୁକୁମାତି ରହିଛି ।ପାକିସ୍ତାନ ବୈଦେଶିକ ମନ୍ତ୍ରୀ ନିଜେ ମଧ୍ୟ ଆଣବିକ ଦିଗକୁ ଲାଇଭ ଟିଭିରେ ଖଣ୍ଡନ କରିଛନ୍ତି ଆପଣମାନେ ସମସ୍ତେ ଜାଣିଛନ୍ତି ଯେ ଭାରତ କେବେ ହେଲେ ଆଣବିକ ବ୍ଲାକମେଲ କିମ୍ବା ସୀମା ପାର ଆତଙ୍କବାଦକୁ ସହ୍ୟ କରିବ ନାହିଁ ଭାରତ ଗୋଟିଏ ଯତ୍ନବାନ ରାଷ୍ଟ୍ର।

## ଦହି ପୋଦିନା ମାଛ

**ଆବଶ୍ୟକ ସାମଗ୍ରୀ:** ରୋହି ମାଛ-୧ କିଲୋ, ଦହି-୧ କପ୍, ସୋରିଷ ବଟା-୧ କପ୍,୧/୨ ଚାମଚ ହଳଦି ଗୁଣ୍ଡ, ପୋଦିନା ବଟା- ୧କପ୍, ୨ ଚାମଚ କଟା ପିଆଜ, କଞ୍ଚା ଲଙ୍କା ୩ରୁ ୪ଟି, ଖୁଖିଲା ଲଙ୍କା-୩ରୁ ୪ଟି, ସ୍ୱାଦ ଅନୁଯାୟୀ ଲୁଣ ଓ କିଛି ଫୁଟଣ। ପୋଦିନା ପତ୍ର, କଞ୍ଚା ଲଙ୍କା, ଦହି ଓ ରସୁଣ ମିଶାଇ ପୋଦିନା ପେଷ୍ଟ ତିଆରି କରନ୍ତୁ। ସେହିପରି ସୋରିଷ, ରସୁଣ ଓ କଞ୍ଚାଲଙ୍କା ମିଶାଇ ସୋରିଷ ବଟା ତିଆରି କରନ୍ତୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ ସେଥିରେ ଦହି, ସୋରିଷ ବଟା, ହଳଦି ଗୁଣ୍ଡ, ପୋଦିନା ବଟା, କଟା ପିଆଜ, କଞ୍ଚା ଲଙ୍କା, ୨ରୁ ୩ ଚାମଚ ତେଲ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗ୍ୟାସ୍ ଅନ୍ କରି କଡେଇ ବସାନ୍ତୁ। ସେଥିରେ ୩ରୁ ୪ ଚାମଚ ତେଲ ପକାନ୍ତୁ। ତେଣ ଗରମ ହେବା ପରେ ସେଥିରେ ଫୁଟଣ ପକାନ୍ତୁ ଓ ତା'ପରେ ଶୁଖିଲା ଲଙ୍କା ପକାନ୍ତୁ। ଏହାପରେ ମାଛର ମିଶ୍ରଣକୁ ସେଥିରେ ପକାଇ ଅଳ୍ପ ଗୋଳାଇ ଢ଼ାଙ୍କି ଦିଅନ୍ତୁ। ୧୫ରୁ ୨୦ ମିନିଟ୍ ପରେ ପ୍ଲେଟକୁ କାଢ଼ି ଗରମ ଗରମ ପରଷନ୍ତୁ ଦହି ପୋଦିନା ମାଛ।



ଖବର

# ସବୁଠାରୁ ବ୍ୟୟବହୁଳ ଓଡ଼ିଆ ସିନେମା ହେବ 'ଲ୍ୟାଣ୍ଡଫଲ୍'




ସବୁଠାରୁ ବ୍ୟୟବହୁଳ ଓଡିଆ ସିନେମା ହେବ 'ଲ୍ୟାଣ୍ଡଫଲ'। ଆମେ କୌଣସି ବାତ୍ୟା କଥା ନୁହେଁ, ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଯୋଡି ବିଶାଳ ମୌର୍ଯ୍ୟ ଓ ଦେବୀପ୍ରସାଦ ଲେଙ୍କାଙ୍କ ଆଗାମୀ ସିନେମା 'ଲ୍ୟାଣ୍ଡଫଲ' କଥା କହୁଛୁ।ଏ ସିନେମାରେ ପ୍ରାୟ ୧୦ କୋଟିରୁ ୧୫ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି ବୋଲି ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା ସୂଚନା ଦେଇଛନ୍ତି। ମଙ୍ଗଳବାର ଫିଲ୍ମର ଟାଇଟଲ ଘୋଷଣା ହୋଇଛି।ମୁଖ୍ୟ ନାୟିକା ଭାବେ ଦିବ୍ୟାସ୍ନୋତା ଓ ଓଲିଉଡର ସୁପରଷ୍ଟାର ସବ୍ୟସାଚୀ ମିଶ୍ର ମୁଖ୍ୟ ନାୟକ ଭାବରେ ମୁଖ୍ୟ ଭୂମିକାରେ ନଜର ଆସିବେ। ଏ ସିନେମା ପାଇଁ ସବ୍ୟସାଚୀଙ୍କୁ ପତଳା ହେବାକୁ ଥିବାବେଳେ ସନ୍ତରଣ ଶିଖିବାକୁ ପଡିବ। ଜାତୀୟ ସ୍ତରରେ ଏହି ସିନେମାର ରିଲିଜ ପାଇଁ ଯୋଜନା ରହିଥିବାନେଇ ବିଶାଳ ମୌର୍ଯ୍ୟ ସୂଚନା ଦେଇଛନ୍ତି। ପିକ୍ସେଲ ମୁଭିଜ ନିବେଦିତ ତଥା ପ୍ରଭାତ କୁମାର ପ୍ରଧାନଙ୍କ ପ୍ରଯୋଜିତ ଏହି ସିନେମାର ଶୀର୍ଷକ ଲ୍ୟାଣ୍ଡଫଲ ରହିଛି। କୁଜଙ୍ଗର ତତ୍କାଳୀନ ତହସିଲଦାର ସୁରଜିତ ଦାସ ,ଅତିରିକ୍ତ ତହସିଲଦାର ନୃସିଂହ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଫିଲ୍ମର ଟାଇଟେଲ ,ଲୋଗୋ ଓ ପୋଷ୍ଟର ଉନ୍ମୋଚନ କରିଥିଲେ। ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶକ ଗୌରବ ଆନନ୍ଦ ଥିବାବେଳେ ସିନେମାଟୋଗ୍ରାଫିରେ ଅଛନ୍ତି ପ୍ରତାପ ରାଉତ।

## ପ୍ରତିଦିନ କେତେ ପ୍ରୋଟିନ୍ ଖାଇବା ଉଚିତ




ଉତ୍ତମ ସ୍ୱାସ୍ଥ୍ୟ ପାଇଁ, କେବଳ ପୁଷ୍ଟିକର ଖାଦ୍ୟ ନୁହେଁ, ଆମକୁ ଏହା ସହିତ ପ୍ରୋଟିନ୍ ମଧ୍ୟ ନେବାକୁ ପଡିବ। ଆମ ଶରୀର ପାଇଁ ପ୍ରୋଟିନ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶରୀରର ମାଂସପେଶୀ ସହିତ କୋଷର ବିକାଶ ପାଇଁ ପ୍ରୋଟିନ୍ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହାକୁ ସଠିକ୍ ପରିମାଣରେ ନେବା ଆବଶ୍ୟକ କାରଣ କିଛି ଲୋକ ଏହାକୁ ବହୁ ପରିମାଣରେ ଖାଇଥା'ନ୍ତି। ଯାହା ଆମ ଶରୀର ପାଇଁ କ୍ଷତିକାରକ। ତେବେ ଚାଲନ୍ତୁ ଜାଣିବା ଗୋଟିଏ ଦିନରେ କେତେ ପ୍ରୋଟିନ୍ ଖାଇବା ଉଚିତ:

- ବିଶେଷଜ୍ଞଙ୍କ ଅନୁଯାୟୀ, ଶରୀରରେ ଥିବା ପ୍ରୋଟିନ୍ ଆମର ନୂତନ କୋଷଗୁଡ଼ିକର ବୃଦ୍ଧିରେ ସାହାଯ୍ୟ କରେ। ତେଣୁ, ଯେଉଁମାନେ କଠିନ ପରିଶ୍ରମ କରନ୍ତି ନାହିଁ, ସେମାନେ ନିଜ ଶରୀରର ପ୍ରତ୍ୟେକ କିଲୋ ଓଜନ ପାଇଁ ପ୍ରତିଦିନ ୦.୭୫ ଗ୍ରାମ ପ୍ରୋଟିନ୍ ନେବା ଉଚିତ।
- ପ୍ରତିଦିନ ଜଣେ ପୁରୁଷକୁ ଅତି କମରେ ୫୫ ଗ୍ରାମ୍ ଏବଂ ମହିଳାକୁ ୪୫ ଗ୍ରାମ ପ୍ରୋଟିନ୍ ନିଜ ଖାଦ୍ୟରେ ସାମିଲ କରିବା ଉଚିତ।
- ଜଣେ ବ୍ୟକ୍ତିର ଗୋଟିଏ ଦିନରେ ମୋଟ କ୍ୟାଲୋରୀର ୨୦ ରୁ ୩୫ ପ୍ରତିଶତ ପ୍ରୋଟିନ୍ ରହିବା ଉଚିତ।
- ବୃଦ୍ଧମାନଙ୍କୁ ଅଧିକ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ, କାରଣ ମଣିଷ ଶରୀରର ମାଂସପେଶୀ ବୃଦ୍ଧ ହେବା ସହିତ ଦୁର୍ବଳ ହେବାକୁ ଲାଗିଥାଏ। ଅନୁସନ୍ଧାନ ଅନୁଯାୟୀ, ବୃଦ୍ଧମାନଙ୍କୁ ଶରୀରର ଓଜନ ଅନୁଯାୟୀ କିଲୋଗ୍ରାମ ପ୍ରତି ୧.୨ ଗ୍ରାମ ପ୍ରୋଟିନ୍ ଗ୍ରହଣ କରିବା ଉଚିତ।

ପ୍ରୋଟିନ୍ କମ୍ ହେବାର ଲକ୍ଷଣ :ଯେତେବେଳେ ଶରୀରରେ ପ୍ରୋଟିନ୍ କମ୍ ହୋଇଥାଏ, ସେତେବେଳେ ଆମେ ଏନର୍ଜୀ କମ୍ ଅନୁଭବ କରିଥାଉ। ଆମେ ଶୀଘ୍ର କ୍ଲାନ୍ତ ଅନୁଭବ କରିଥାଉ। ଏହି ସମୟ ମଧ୍ୟରେ ମଣିଷର କେଶ ମଧ୍ୟ ଝଡିବା ଆରମ୍ଭ କରେ। ଏହା ବ୍ୟତୀତ ନଖ ଦୁର୍ବଳ ହେବା, ଓଜନ ହ୍ରାସ, ଦୁର୍ବଳତା ଏବଂ ମୁଣ୍ଡବିନ୍ଧା ଭଳି ସମସ୍ୟା ହୋଇଥାଏ।

## ସୁସ୍ଥ ରହିବା ପାଇଁ ସକାଳୁ ପିଅନ୍ତୁ ପୁଦିନା ସରବତ



ଏକ ଭଲ ଦିନର ଆରମ୍ଭ ଏକ ଭଲ ସକାଳରୁ ହିଁ ହୋଇଥାଏ। ଆପଣ ସକାଳ ସମୟରେ କ'ଣ ଖାଉଛନ୍ତି ଓ କ'ଣ ପିଉଛନ୍ତି ତାହା ଆପଣଙ୍କ ଶରୀର ଉପରେ ବିଶେଷ ଭାବେ ପ୍ରଭାବ ପକାଇଥାଏ। ରାତିରେ ଆମେ ଦୀର୍ଘ ସମୟ ଧରି ଶୋଇ ରହୁଥିବା କାରଣରୁ ଶରୀରକୁ ଖାଦ୍ୟ, ପାନୀୟ ଠିକ୍ ଭାବେ ମିଳିପାରେ ନାହିଁ। ସକାଳୁ ଉଠିବା ପରେ ଆମ ଦେହ ଶୁଷ୍କ ହୋଇ ଯାଇଥାଏ। ଶରୀରରେ ଜଳୀୟ ଅଂଶ କମ୍ ହୋଇଥାଏ। ଏହି କାରଣରୁ ଆମକୁ ସକାଳ ପାନୀୟ ଉପରେ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। ତେବେ, ଚାଲନ୍ତୁ ଜାଣିବା ନିଜକୁ ସୁସ୍ଥ ରଖିବା ପାଇଁ ଆମକୁ କ'ଣ କ'ଣ କରିବାକୁ ପଡ଼ିଥାଏ। ଖରାଦିନେ ବିଭିନ୍ନ ସ୍ଥାନରେ ଆଖୁ ରସ ବିକ୍ରି ହେଉଥାଏ। ସକାଳ ସମୟରେ ଯଦି ପାରୁଛନ୍ତି ଆଖୁ ରସରୁ ଗୋଟାଏ ଗ୍ଲାସ ପିଅନ୍ତୁ। ଏହା ଶରୀର ପାଇଁ ବେଶ୍ ଉପକାରୀ। କେବଳ ଆଖୁ ରସ ନୁହେଁ, ଆପଣ ପଇଡ଼ ମଧ୍ୟ ପିଇପାରିବେ। ଆପଣ ଭାବିପାରନ୍ତି ଯେ ପଇଡ଼ ହେଉଛି ସକାଳ ସମୟର ସବୁଠାରୁ ଭଲ ପାନୀୟ। ସକାଳ ସମୟରେ ଲେମ୍ବୁ ପାଣି ପିଇବା ଖୁବ୍ ଉପକାରୀ ହୋଇଥାଏ। ମାତ୍ର ମନେ ରଖନ୍ତୁ କେବେ ବି ଲେମ୍ବୁ ପାଣି ଖାଲି ପେଟରେ ପିଇବେ ନାହିଁ। ଲେମ୍ବୁ ପାଣି ପିଇବା ପୂର୍ବରୁ ଆପଣ ସକାଳ ଜଳଖିଆ କରି ସାରିଥିବା ଆବଶ୍ୟକ। ଏହାବ୍ୟତୀତ ବିଟ୍, ଗାଜର, ପୋଦିନା ଓ କଲରା ଆଦିର ରସ ମଧ୍ୟ ସକାଳୁ ପିଇବା ଅତ୍ୟନ୍ତ ଭଲ ହୋଇଥାଏ।

# ହୃଦଘାତର ଆଶଙ୍କା କମାଏ ଆଭୋକାଡୋ, ଡାଏଟରେ କରିପାରିବେ ସାମିଲ୍



ସୁସ୍ଥ ରହିବା ପାଇଁ ସନ୍ତୁଳିତ ଆହାର ଜରୁରି। ସେଥିପାଇଁ ଖାଦ୍ୟରେ ବିଭିନ୍ନ ପ୍ରକାରର ଫଳ ଓ ପନିପରିବାକୁ ସାମିଲ୍ କରିବାକୁ କୁହାଯାଇଥାଏ। ପ୍ରତ୍ୟେକ ଫଳର କିଛି ନା କିଛି ବିଶେଷତ୍ୱ ରହିଥାଏ, ଯଦ୍ୱାରା ଏହା ଲୋକମାନେ ଏହାକୁ ପସନ୍ଦ କରିଥାନ୍ତି। ସେମିତି ଏକ ଫଳ ହେଉଛି ଆଭୋକାଡୋ, ଯାହା ଶରୀର ପାଇଁ ଖୁବ୍ ଲାଭଦାୟକ। ଏହା ପୋଷକତତ୍ୱ□ରେ ଭରା, ଯାହା ପାଚନ ତନ୍ତ୍ରଠାରୁ ଆରମ୍ଭ କରି ମଧୁମେହ ଓ ହୃଦ୍ଘାତ ତଥା ମସ୍ତିଷ୍କ ପାଇଁ ମଧ୍ୟ ବେଶ ଉପକାରୀ। ଚାଲନ୍ତୁ ଜାଣିବା ଆଭୋକାଡୋ ଶରୀରକୁ କେତେ ସୁସ୍ଥ ରଖିଥାଏ।

ସୁସ୍ଥ ରଖେ ହୃଦୟ

ଆଭୋକାଡୋ ଲିପଡ୍ ପ୍ରୋଫାଇଲରେ ସୁଧାର ଆଣିବା ସହ ହୃଦୟକୁ ସୁରକ୍ଷାତ୍ମକ ବଳୟ ଦେଇଥାଏ। ନିୟମିତ ୫ ସପ୍ତାହ ଆଭୋକାଡୋ ଖାଇବା ଦ୍ୱାରା ବଢିଥିବା ଲିପିଡ୍ ପ୍ରୋଫାଇଲ୍ସ୍ତରକୁ କମ୍ କରାଯାଇପାରେ। ଟ୍ରାଇଗ୍ଲିସରାଇଡସ୍ ଏବଂ ଏଲଡିଏଲ୍କୁ କମ୍ କରି ଏଚଡିଏଲ୍କୁ ବଢାଇଥାଏ।

ଶର୍କରାସ୍ତରକୁ ନିୟନ୍ତ୍ରିତ ରଖେ

ଡାଏଟରେ ଆଭୋକାଡୋକୁ ସାମିଲ୍ କରିବା ଦ୍ୱାରା ରକ୍ତରେ ଶର୍କରା ସ୍ତର ଅଧିକ ବଢି ନଥାଏ। ଦିନକୁ ଅଧା ଆଭୋକାଡୋ ଖାଇବା ଦ୍ୱାରା ଶର୍କରାର ବୃଦ୍ଧିକୁ ନିୟନ୍ତ୍ରିତ କରାଯାଇପାରିବ।ନିୟମିତ ଖାଇବା ଦ୍ୱାରା ଏହା ପେଟର ଚର୍ବି ଓ ଅନ୍ତଃନଳୀରେ ଜମୁଥିବା ଚର୍ବିକୁ ମଧ୍ୟ କମ୍ କରିଥାଏ। ଅନ୍ତଃନଳୀରେ ଜମୁଥିବା ଚର୍ବି ମଧୁମେହର କାରଣ ସାଜିଥାଏ।

ଶରୀରରେ ପୋଷକ ତ□ର ଅଭାବକୁ ଦୂରାଏ

ଅନ୍ୟାନ୍ୟ ସମସ୍ତ ଖାଦ୍ୟ ଅପେକ୍ଷା ଆଭୋକାଡୋ ଅଧିକ ଆଣ୍ଟି ଅକ୍ସିଡାଣ୍ଟ ଅବଶୋଷଣ କରିଥାଏ। ଆଭୋକାଡ୍ ସହ ଟମାଟୋ ସସ୍ ଓ ଗାଜରର ମିଶାଇ ଖାଇବା ଦ୍ୱାରା ଭିଟାମିନ୍ଏ'ର ଅବଶୋଷଣ ବଢିଥାଏ, ଯାହା ଚର୍ମ, ଦୃଷ୍ଟିଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତିପାଇଁମହ□ତପୂର୍ଣ୍ଣ।



## ମାତାଙ୍କ ଆଦର୍ଶ

ସବୁକିଛି ନିଷ୍ଫଳ ସାବ୍ୟସ୍ତ ହେଲା। କୃଷ୍ଣ ନିରାଶ ହୋଇ କୁନ୍ତୀଙ୍କ ନିକଟକୁ ଗଲେ। ସବୁ କଥା ଶୁଣି କୁନ୍ତୀ ନିରୁତ୍ସାହିତ ହେଲେ ନାହିଁ। ସେ କୃଷ୍ଣଙ୍କୁ କହିଲେ, "ଯୁଧିଷ୍ଠିରକୁ କହିବ ସେ ନିଶ୍ଚୟ ଯୁଦ୍ଧ କରୁ। ଯୁଦ୍ଧ ଅବଶ୍ୟମ୍ଭାବୀ, ଏଣୁ ମୃତ୍ୟୁର ଚିନ୍ତା ନକରି ସେ ଅତ୍ୟାଚାରୀମାନଙ୍କୁ ଦଣ୍ଡ ଦେଉ। ଧର୍ମ ଏବଂ କର୍ତ୍ତବ୍ୟର ବେଦୀ ଉପରେ ଆତ୍ମ-ତ୍ୟାଗ କରିବାର ଦିନ ଆସି ପହଞ୍ଚିଯାଇଛି। ବିପତ୍ତି କାଳରେ ବୀର ପୁରୁଷମାନେ ଅଣ୍ଟା ଭିଡ଼ି ବିପଦର ମୁକାବିଲା କରିଥାନ୍ତି। ତା'କୁ କହିବ ଯେ ବିଦୁଲାର ପୁତ୍ର ଯେତେବେଳେ ଯୁଦ୍ଧରେ ପରାଜିତ ହୋଇ ନିଜ ମାତାଙ୍କ ନିକଟକୁ ମୁହଁ ଲୁଚାଇବାକୁ ଆସିଥିଲା, ମା' ତା'କୁ ପୁଣିଥରେ ଯୁଦ୍ଧ କରିବା ଲାଗି ପଠାଇଥିଲା। ସେ ଯୁଦ୍ଧରେ ଲଢ଼ି ବୀରଗତି ପ୍ରାପ୍ତ କରିବା ପରେ ମାତା ପରମସନ୍ତୋଷ ଲାଭ କରିଥିଲେ। ମୁଁ ମଧ୍ୟ ସେହିପ୍ରକାରେ ନିଜ ପୁତ୍ରମାନଙ୍କୁ ଅନ୍ୟାୟ ଏବଂ ଅତ୍ୟାଚାର ବିରୋଧରେ ଲଢ଼ି ମରୁଥିବା ଦେଖିବାକୁ ଅଧିକ ପସନ୍ଦ କରିବି। ଭୟଭୀତ ହୋଇ ସେମାନେ ବଞ୍ଚିଲେ ମୋତେ ଅଧିକ କଷ୍ଟ ହେବ"। କର୍ମଯୋଗୀ ଭଗବାନ କୃଷ୍ଣ କୁନ୍ତୀଙ୍କ ଏହି ବାଣୀକୁ ଗୀତାରେ କର୍ମଯୋଗର ଆଧାର କରିଥିଲେ। ରାଷ୍ଟ୍ରଭକ୍ତି ସବୁଠୁ ବଡ଼ ଧର୍ମ। ଏଥିପାଇଁ କିଛି ବି ବଳିଦାନ ଦିଆଯାଇପାରେ।



# ବିକଶିତ କୃଷି ସଂକଳ୍ପ ଅଭିଯାନ ସମ୍ବନ୍ଧରେ ସମୀକ୍ଷା




ଭୁବନେଶ୍ୱର, ୧୩।୫ (ମହାଭାରତ): କେନ୍ଦ୍ରୀୟ କୃଷି ଏବଂ କିସାନ କଲ୍ୟାଣ ମନ୍ତ୍ରଣାଳୟ ତଥା ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) ଦ୍ୱାରାଦେଶବ୍ୟାପୀ ବିକଶିତ କୃଷି ସଙ୍କଳ୍ପ ଅଭିଯାନ ଆରମ୍ଭ କରାଯିବ। କେନ୍ଦ୍ରୀୟ କୃଷି ଏବଂ କିସାନ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି ଯେ, ଏହି ଅଭିଯାନ ୭୦୦ରୁ ଅଧିକ ଜିଲ୍ଲାରେ ୨୯ମଇରୁ ଆରମ୍ଭ ହୋଇ ୧୨ଜୁନ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ଆମର କୃଷି ବୈଜ୍ଞାନିକମାନେ ଏବଂ ମନ୍ତ୍ରଣାଳୟର ଅଧିକାରୀ ଓ କର୍ମଚାରୀମାନେ ସ୍ଥାନୀୟ କୃଷକମାନଙ୍କ ସହ ଦଳଗଠନ କରି ପ୍ରତିଦିନ ଭିନ୍ନ ଭିନ୍ନ ଗାଁରେ ପହଞ୍ଚି କିସାନମାନଙ୍କ ସହ ସିଧାସଳଖ ଆଲୋଚନା କରିବେ ଏବଂ ସେମାନଙ୍କୁ କୃଷି ସମ୍ବନ୍ଧୀୟ ବିଷୟରେ ଅଧିକ ସଚେତନ କରିବେ ଓ ବିଭିନ୍ନ ପରାମର୍ଶ ଦେବେ। ଏହି ପ୍ରୟାସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରଦତ୍ତ ଲ୍ୟାବ ଟୁ ଲ୍ୟାଣ୍ଡମନ୍ତ୍ରକୁ ସାକାର କରିବା ପାଇଁ କରାଯାଉଛି। ଆଧୁନିକ ଏବଂ ଆଦର୍ଶ କୃଷି ସହିତ, ଏହା ଏକଦେଶ, ଏକକୃଷି, ଏକଦଳ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

କୃଷିମନ୍ତ୍ରୀ ଶ୍ରୀ ଚୌହାନ ଏହି ସମ୍ବନ୍ଧରେ ଆଜି ଦିଲ୍ଲୀରେ ଏକଉଚ୍ଚସ୍ତରୀୟ ବୈଠକ ଆୟୋଜନ କରିଥିଲେ, ଯେଉଁଥିରେ ଦେଶର ୭୩୧ଟି କୃଷି ବିଜ୍ଞାନକେନ୍ଦ୍ର (କେଭିକେ), ଆଇସିଏଆରର ୧୦୦ରୁ ଅଧିକ ଅନୁଷ୍ଠାନ, କୃଷି ବିଜ୍ଞାନ ସହ ଜଡ଼ିତ ଅନ୍ୟାନ୍ୟ ଅନୁଷ୍ଠାନ ଏବଂ କେନ୍ଦ୍ରୀୟ କୃଷି ଏବଂ କିସାନ କଲ୍ୟାଣ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ହାଇବ୍ରିଡ ମୋଡରେ ଅଂଶଗ୍ରହଣ କରିଥିଲେ। ବୈଠକରେ କେନ୍ଦ୍ରୀୟ କୃଷି ସଚିବ ଦେବେଶ ଚତୁର୍ବେଦୀ ଏବଂ ଆଇସିଏଆରର ମହାନିର୍ଦ୍ଦେଶକ ଡକ୍ଟରଏମ.ଏଲ. ଜାଟ ମଧ୍ୟ ଉପସ୍ଥିତ ଥିଲେ।

ଶ୍ରୀ ସିଂହ କହିଛନ୍ତି ଯେ, ଏହି ସୃଜନଶୀଳ ଏବଂ ମହତ୍ୱାକାଂକ୍ଷୀ ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଆମର କୃଷିକୁ ଉନ୍ନତ ଓ ବିକଶିତ କରିବା ଏବଂ କିସାନମାନଙ୍କୁ ଏହାର ସିଧାସଳଖ ଲାଭ ପ୍ରଦାନ କରିବା। ସମ୍ପୂର୍ଣ୍ଣ ଅଭିଯାନ ସମୟରେ ଉନ୍ନତ ପ୍ରଯୁକ୍ତି, ନୂଆ ଜାତିର ଫସଲ ଏବଂ ସରକାରୀ ଯୋଜନା ସମ୍ପର୍କରେ କିସାନମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରାଯିବା ସହିତ ପ୍ରାକୃତିକ କୃଷିକୁ ପ୍ରୋତ୍ସାହନ ଦେବା ମଧ୍ୟ ଏକଲକ୍ଷ୍ୟ। ଅଭିଯାନରେ ଚାରି ଜଣିଆ। ବୈଜ୍ଞାନିକଙ୍କ ଦଳ କିସାନମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡରେ ପରାମର୍ଶ ଦିଆଯାଇଥିବା ବିଭିନ୍ନ ଫସଲରେ ସନ୍ତୁଳିତ ସାରର ବ୍ୟବହାର ପାଇଁ ସଚେତନ ଓ ଶିକ୍ଷିତ କରିବେ। କେଭିକେ, ଆଇସିଏଆର ଅନୁଷ୍ଠାନ ଏବଂ ଇଫକୋ ଆଦି ଦ୍ୱାରା କୃଷିରେ ଡ୍ରୋନ ପ୍ରଯୁକ୍ତିର ବ୍ୟବହାରର ପ୍ରଦର୍ଶନ କରାଯିବ ଏବଂ କିସାନମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିପାଇଁ ଆଇସିଟିର ବ୍ୟାପକ ବ୍ୟବହାର କରାଯିବ। ଧାନର ସିଧାସଳଖ ବୁଣା (ଡିଏସଆର), ଫସଲ ବିବିଧୀକରଣ, ସୋୟାବିନ ଫସଲରେ ଯାନ୍ତ୍ରିକୀ କରଣ ପରି ଉନ୍ନତ ପ୍ରଯୁକ୍ତିର ପ୍ରସାର ମଧ୍ୟ କେଭିକେ ବିଶେଷଜ୍ଞମାନେ କରିବେ। ଦଳରେ ରାଜ୍ୟ କୃଷି, ଉଦ୍ୟାନକୃଷି, ପଶୁପାଳନ, ମତ୍ସ୍ୟ ପାଳନ ବିଭାଗର ଅଧିକାରୀ, ଆତ୍ମାର ଅଧିକାରୀ, ଜାତୀୟ କୀଟନାଶକ ନିରୀକ୍ଷଣ ବ୍ୟବସ୍ଥା (ଏନପିଏସଏସ) ସହ ଜଡ଼ିତ ଉଦ୍ଭିଦ ସୁରକ୍ଷା ଅଧିକାରୀ ଏବଂ ପ୍ରଗତିଶୀଳ କିସାନ, କୃଷି ଉଦ୍ୟୋଗୀ, ଏଫପିଓ/ଏଫଆଇଜି/ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ମଧ୍ୟ ସାମିଲ ହେବେ।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୩।୫ (ମହାଭାରତ): ଓଡ଼ିଶା ବିଧାନସଭାଠାରେ ଗୁରୁ ଗୋମ୍ କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ଏସ୍?ପି, ନିରାପତ୍ତା ଅଧିକାରୀ ଗୋପାଳ ବେହେରା, ଯୁଗ୍ମ ସଚିବ ବିଦ୍ୟାଧର ମାଝୀ, ଉପସଚିବ ଆଶିଷ ରଞ୍ଜନ ଖୁଣ୍ଟିଆଙ୍କ ସମେତ ବହୁ ମାନ୍ୟଗଣ୍ୟ



ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶହେ ବର୍ଷ ତଳେ ବିଲୁପ୍ତପ୍ରାୟ ସାନ୍ତାଳୀ ଭାଷା ଆଜି ବିଶ୍ୱ ଦରବାରରେ ଗୌରବର ସହ ଦଣ୍ଡାୟମାନ। ଏହି ଭାଷାକୁ ମୃତ୍ୟୁ ସଞ୍ଜିବନୀ ପ୍ରଦାନ କରିଛନ୍ତି ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁ। ୧୯୦୫ ମସିହା ବୈଶାଖ ପୂର୍ଣ୍ଣିମା ତିଥିରେ ଜନ୍ମିତ ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଆଜି ୧୨୦ତମ ଜୟନ୍ତୀ। ମୟୂରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ନିକଟସ୍ଥ ଡାହାରଡିହି ଗ୍ରାମରେ ପିତା ନନ୍ଦଲାଲ ମୁର୍ମୁ ଓ ମାତା ସଲମା ମୁର୍ମୁଙ୍କ କୋଳରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ। ସେ ଗମ୍ଭାରିଆ ୟୁପି ସ୍କୁଲରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିବାବେଳେ ଓଡ଼ିଆ ଭାଷା ବୁଝିବାରେ ଅସହାୟତା ଯୋଗୁଁ ତାଙ୍କ ମନରେ ସାନ୍ତାଳୀ ଭାଷାରେ ଶିକ୍ଷାର ଆବଶ୍ୟକତା ନେଇ ଭାବନା ଉଦ୍ରେକ ହୋଇଥିଲା।

# ଜାତିର ପିତାଙ୍କ ବାଲକାଟି ଅବସ୍ଥାନର ବାର୍ଷିକୀ



ଭୁବନେଶ୍ୱର, ୧୩।୫ (ମହାଭାରତ): ଜାତିର ପିତା ମହାତ୍ମା ଗାନ୍ଧୀ ପଦଯାତ୍ରା ଓ ବାଲକାଟି ଅବସ୍ଥାନର ୯୧ ତମ ବାର୍ଷିକୀ ଆଜି ୧୯୩୪ ଗାନ୍ଧୀ ପଦଯାତ୍ରା ସ୍ମୃତି ଟ୍ରଷ୍ଟ ଆନୁକୂଲ୍ୟରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍ତରା ଛକଠାରୁ ଗାନ୍ଧୀ ଐତିହ୍ୟ ପଦଯାତ୍ରା ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟସ୍ଥିତ ଗାନ୍ଧୀପୀଠ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ଆଡ୍‌ଭୋକେଟ୍ ମନୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗାନ୍ଧୀ ବିଚାରଧାରା ଆଲୋଚନା ଚକ୍ର ଆୟୋଜନ ହୋଇଥିଲା। ଏଥିରେ ବରିଷ୍ଠ ଅଧିବକ୍ତା ଉପେନ୍ଦ୍ର କୁମାର ସାମନ୍ତରାୟ, ସୁବ୍ରତ ମହାନ୍ତି, ସମାଜସେବୀ ବେଣୁଧର ଭୋଇ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ପାତ୍ର, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପୂର୍ବତନ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ଅରବିନ୍ଦ ସାହୁ, ଦୀନବନ୍ଧୁ ଭୋଇ, ପ୍ରଶାନ୍ତ କୁମାର ବାରିକ, ଅଶୋକ ସାହୁ ପ୍ରମୁଖ ଗାନ୍ଧୀଙ୍କ ବାଲକାଟି ରହଣିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ସମାଜସେବୀ ବେଣୁଧର ଭୋଇ, ପଣ୍ଡିତ ଗିରିଜା ଶଙ୍କର ମହାପାତ୍ରଙ୍କୁ ଗାନ୍ଧୀ ମଣିଷ ସମ୍ମାନରେ ସମ୍ମାନିତ କରାଯିବା ସହ ବିଶିଷ୍ଟ ସଂକୀର୍ତ୍ତନ କଳାକାର ସରୋଜ କୁମାର ରାଉତରାୟଙ୍କୁ ସମ୍ମାନୀତ କରାଯାଇଥିଲା।

# ବିକଶିତ ଓଡ଼ିଶା ଭିଜନ ଉପରେ ସଚିବସ୍ତରୀୟ ବୈଠକ

ଭୁବନେଶ୍ୱର, ୧୩।୫ (ମହାଭାରତ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୨୫-୨୬ ବର୍ଷରେବଜେଟ୍ ପ୍ରାବଧାନ ଅନୁସାରେ ରାଜ୍ୟ ସରକାରଙ୍କ ବିଭିନ୍ନ ନୂତନ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ଆଲୋଚନା କରାଯାଇଥିଲା। ସଂପ୍ରତି ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଯେଉଁ ଯେଉଁ ଜିଲ୍ଲା ବା ସ୍ଥାନରେ ପାନୀୟ ଜଳ ସମସ୍ୟା ରହୁଛି, ତାହାର ସମାଧାନ ପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଖୋଲାଯାଇଥିବା ଜଳଛତ୍ର ଯେପରି ଠିକ୍ ଭାବେ କାର୍ଯ୍ୟକ୍ଷମ ହୁଏ, ସେଥିପ୍ରତି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ସମ୍ବାଦ ପତ୍ରରେ ପ୍ରକାଶ ପାଉଥିବା ଏବଂ ଅନ୍ୟ ଗଣମାଧ୍ୟମରେ ଦୃଷ୍ଟିକୁ ଆସୁଥିବା ପାନୀୟ ଜଳ ସଂପର୍କିତ ଖବରକୁ ତୁରନ୍ତ ଧ୍ୟାନ ଦେଇ ଏହାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବିଭିନ୍ନ ବିଭାଗ ମାନଙ୍କରେ ଖାଲିଥିବା ପଦବୀ ସଂପର୍କରେ ବିଭାଗରେ ନିୟମିତ ସମୀକ୍ଷା କରାଯିବା ସହ ସେସବୁ ପୂରଣ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ସରକାରୀ କର୍ମଚାରୀମାନଙ୍କ ଅବସରକାଳୀନ ପ୍ରାପ୍ୟ ଓ ପେନସନ ପ୍ରଦାନକୁ ସହଜ କରିବା ପାଇଁ ଜନ ଶୁଣାଣି ପୋର୍ଟାଲରେ ଏକ



ସ୍ୱତନ୍ତ୍ର ବ୍ୟବସ୍ଥା ଇତି ମଧ୍ୟରେ ବିକଶିତ କରାଯାଇଛି। ଏହାକୁ କର୍ମଚାରୀମାନେ ବ୍ୟବହାର କରିବାକୁ ପରାମର୍ଶ ଦେବା ସହିତ ଏଥିରେ ସାମୟିକ କି କି ସମସ୍ୟାରହୁଛି, ତାହାକୁ ତର୍ଜମା କରି ଅଧିକ ସହାୟତା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟ ସଚିବ ପରାମର୍ଶ ଦେଇଥିଲେ। ଆଗାମୀ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଭିଜନ ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ବିଭାଗମାନେ ସାମଗ୍ରିକ ନିଷ୍ପତ୍ତି ନେବାର ଆବଶ୍ୟକତା ସଂପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନଙ୍କର ଜିଲ୍ଲାଗସ୍ତ ପର୍ଯ୍ୟବେକ୍ଷଣସଂପର୍କରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଉପସ୍ଥାପନ କରିଥିଲେ ଏବଂ ଏ ସଂପର୍କିତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଲୋଚନା କରାଯାଇଥିଲା। ବିଭିନ୍ନ ଜିଲ୍ଲାରେ ସଂପୂର୍ଣ୍ଣ ହୋଇଥିବା କ୍ରୀଡ଼ା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି, ଛାତ୍ରାବାସ ଭଳି ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ସଂପୃକ୍ତ ବିଭାଗକୁ ହସ୍ତାନ୍ତର କରାଯିବା ଏବଂ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ନିଷ୍ପତ୍ତି ନେବା ପ୍ରକ୍ରିୟା ଆଦିରେ ତଥ୍ୟର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ରହୁଥିବା ଦୃଷ୍ଟିରୁ ପ୍ରତି ବିଭାଗରେ ଡାଟା ଅଧିକାରୀମାନଙ୍କୁ ପଦନାମିତ କରାଯିବା ସହ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ସଂପର୍କରେ ବୈଠକରେ ଆଲୋଚନା ହୋଇଛି।

ରାଜ୍ୟରେ ଅଧିକରୁ ଅଧିକବେସାମରିକ ସୁରକ୍ଷା ସ୍ୱେଚ୍ଛାସେବୀ (ସିଭିଲ ଡିଫେନ୍ସ ଭଲୁଣ୍ଟିୟର)ଙ୍କ ଯୋଗଦାନ ନେଇ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଶ୍ରୀ ସତ୍ୟବ୍ରତ ସାହୁ ରାଜ୍ୟରେସିଭିଲ ଡିଫେନ୍ସସ୍ୱେଚ୍ଛାସେବୀଙ୍କ ବର୍ତ୍ତମାନର ସ୍ଥିତି, ଜରୁରୀକାଳୀନ ସହାୟତା ସହିତ ପ୍ରାକୃତିକ ବିପର୍ଯ୍ୟୟ ସଂପର୍କରେ ସେମାନଙ୍କର ଭୂମିକା ଓ ଆବଶ୍ୟକତା ସଂପର୍କରେ ଉପସ୍ଥାପନ କରି ଅଧିକ ସ୍ୱେଚ୍ଛାସେବୀ ମୁତୟନ ସଂପର୍କରେ ନିଆଯାଇଥିବା ପଦକ୍ଷେପ ନେଇ ଉପସ୍ଥାପନ କରିଥିଲେ। ବିଶେଷ କରି ରାଜ୍ୟରେ ଚିହ୍ନଟ ୧୨ ଟି ଜିଲ୍ଲାର ଶିଳ୍ପ ଓ ଜନସଂଖ୍ୟା ବହୁଳ ସହରରେ ଏହି ସିଭିଲ୍ ସ୍ୱେଚ୍ଛାସେବୀଙ୍କ ଅଧିକ ମୁତୟନ ସଂପର୍କରେ ପଦକ୍ଷେପ ନେଇ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢୀ ଆଗାମୀ ପୁରୀ ରଥଯାତ୍ରା ନିମନ୍ତେ ସୁରୁରୁରେ ପ୍ରସ୍ତୁତିଚାଲିଥିବା ସଂପର୍କରେ ତଥ୍ୟ ରଖିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର,ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିପର୍ଯ୍ୟସ୍ତ ଅର୍ବାନ୍ ହାଟ ଯୋଜନା

ଭୁବନେଶ୍ୱର, ୧୩।୫ (ମହାଭାରତ): ବୁଣାକାର ଓ କାରିଗରମାନଙ୍କୁ ସିଧାସଳଖ ବଜାର ଯୋଗାଇବା ଲକ୍ଷ୍ୟରେ କେନ୍ଦ୍ର ସରକାର ଆରମ୍ଭ କରିଥିଲେ 'ଅର୍ବାନ୍ ହାଟ' ଯୋଜନା। ଏଥିରେ ଓଡ଼ିଶାର ତିନି ପ୍ରମୁଖ ପର୍ଯ୍ୟଟନସ୍ଥଳ ଯଥା ଭୁବନେଶ୍ୱର, ପୁରୀ ଓ କୋଣାର୍କରେ ଯଥାକ୍ରମେ ଏକାମ୍ର, ନୀଳାଚଳ ଓ କୋଣାର୍କ ହାଟ ନିର୍ମାଣ ହୋଇଥିଲା। ପର୍ଯ୍ୟଟକ ତଥା ସହରିଆଙ୍କୁ ଆକୃଷ୍ଟ କରିବାକୁ ଏହି ତିନିଟି ହାଟର ନିର୍ମାଣଶୈଳୀ ଗ୍ରାମୀଣ ଢାଞ୍ଚାରେ କରାଯାଇଥିଲା। କିନ୍ତୁ ସରକାରଙ୍କ ଆନ୍ତରିକତାର ଅଭାବରୁ ଏହା କାରିଗର ଓ ବୁଣାକାରଙ୍କ କାମରେ ଆସି ପାରୁନାହିଁ। ଏକାମ୍ର ହାଟରେ କିଛି କିଛି ବ୍ୟବସାୟ ହେଉଥିଲା ବେଳେ ଦିନକୁ ଦିନ ଏହା ବିପର୍ଯ୍ୟସ୍ତ ହେବାକୁ ଯାଉଛି। ଏହା ଘରୋଇ ସଂସ୍ଥାକୁ ଟେକି ଦିଆଯିବ ବୋଲି ଅଭିଯୋଗ ଉଠିଲାଣି। ଅନ୍ୟପଟେ କୋଣାର୍କ ହାଟ ପରିତ୍ୟକ୍ତ ହୋଇ ପଡ଼ିଥିବା ବେଳେ ନୀଳାଚଳ ହାଟ କେବଳ କିଛି ପ୍ରଦର୍ଶନୀ ଓ ମେଳାରେ ସୀମିତ ରହିଛି।

ରାଜଧାନୀର କେନ୍ଦ୍ରସ୍ଥଳରେ ଥିବା ଏକାମ୍ର ହାଟରେ ଗ୍ରାମୀଣ ପରିବେଶ ସହ ଘାସ ଗାଲିଚା, ବଡ଼ ବଡ଼ ବୃକ୍ଷଘେରା ପରିବେଶ ଓ ମଧ୍ୟ ଭାଗରେ ଛୋଟ ପୁଷ୍କରିଣୀ ସହରବାସୀଙ୍କୁ ବେଶ୍ ଆକର୍ଷିତ କରିପାରୁଥିଲା। କିନ୍ତୁ ୨୦୨୦ ମସିହାରେ ଏହାର ନବୀକରଣ ସମୟରେ ଏଠାରେ ଥିବା ଛୋଟ ପୁଷ୍କରିଣୀକୁ ଆଧୁନିକ ଫାଉଣ୍ଟେନେର ପରିଣତ କରାଗଲା। ଏବେ ସେ ଫାଉଣ୍ଟେନ୍ ବି ଅଚଳ। ହାଟ ଭିତରେ ପଡ଼ିଥିବା ମାଟିଇଟାକୁ କାଢ଼ି ପେଭର୍ ବ୍ଲକ୍ ପକାଇବା ଫଳରେ ହାଟ ପରିବେଶ ଆଉ ଥଣ୍ଡା ରହୁନାହିଁ। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଏହାର ଏକଚତୁର୍ଥାଂଶ ଜାଗାରେ ହିଁ ନିର୍ମାଣ କାର୍ଯ୍ୟ ହୋଇପାରିବ ଓ ବାକି ସ୍ଥାନ ଖାଲି ରହିବ। କିନ୍ତୁ ଏକାମ୍ର ହାଟ ପଛପାଖରେ ଦୁଇମହଲା କୋଠା ନିର୍ମିତ ହୋଇ ୨ ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି।

ଏଠାରେ ଥିବା ହୋଟେଲ୍ ଓ ପିଣ୍ଡିଗୁଡ଼ିକର ଆବଣ୍ଟନ ବି ଠିକ୍ ଭାବେ ହୋଇପାରୁନାହିଁ। ପୂର୍ବରୁ ବର୍ଷକୁ ହୋଟେଲ ପିଛା ୩୬ ହଜାର ଟଙ୍କା ଦେୟ ଦେବାକୁ ପଡୁଥିବା ବେଳେ ଏବେ ଅକ୍ସନ୍ କରି ହୋଟେଲ ପିଛା ବର୍ଷକୁ ଅଢେଇ ଲକ୍ଷ ଟଙ୍କା ଦେୟ ଆଦାୟ କରାଯାଉଛି। ଲୋକଙ୍କ ଆଗମନ କମ୍ ସହ ୧୦ରୁ ଅଧିକ ହୋଟେଲ ଥିବାରୁ ଅଢେଇ ଲକ୍ଷ ଦେୟଦେବାକୁ ବ୍ୟବସାୟୀମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଫଳରେ ଏବେ ଅଧିକାଂଶ ହୋଟେଲ ବନ୍ଦ ହୋଇଗଲାଣି। ବୁଣାକାର ଓ ହସ୍ତଶିଳ୍ପୀମାନଙ୍କୁ ପିଣ୍ଡି ପାଇଁ ବର୍ଷକୁ ଥରେ ୧.୨୦ ଲକ୍ଷ ଟଙ୍କା ଦେୟ ଦେବାକୁ ପଡୁଥିବାରୁ ସେମାନେ ଏଥି ପାଇଁ ବିମୁଖ ହେଉଛନ୍ତି। ଏବେ ପାଖାପାଖି ଦେ ବର୍ଷ ହେବ ଅଧିକାଂଶ ପିଣ୍ଡି ଓ ହୋଟେଲ ବନ୍ଦ ରହିଛି। ଏଭଳି ସ୍ଥିତିରେ ଏବେ କେଣସି ଘରୋଇ ସଂସ୍ଥାକୁ ଏହା ପିପିପି ମୋଡ୍‌ରେ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି।

ସେହିଭଳି ପୁରୀ ନୀଳାଚଳ ହାଟର ନବୀକରଣ ପରେ ଏହାର ଭିତ୍ତିଭୂମିରେ ସୁଧାର ଆସିଥିଲା। କିନ୍ତୁ ପର୍ଯ୍ୟଟକ ଆସୁନଥିବାରୁ ବିକ୍ରିବଟା ଜମୁନାହିଁ। ତେଣୁ ନୀଳାଚଳ ହାଟର ଅବସ୍ଥା ଅତ୍ୟନ୍ତ ସଙ୍ଗିନ। କୋଣାର୍କ ହାଟ ଏକ ପ୍ରକାର ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ରାଜ୍ୟର ତିନିଟି ଯାକ ଅର୍ବାନ ହାଟ ଏବେ ଲକ୍ଷ୍ୟଠାରୁ ବହୁ ଦୂରରେ ରହିଛି। ପୂର୍ବରୁ ଇଡ୍‌କୋ ଏହି ହାଟଗୁଡ଼ିକର ରକ୍ଷଣାବେକ୍ଷଣ କରୁଥିଲା ବେଳେ ପରବର୍ତ୍ତୀ ସମୟରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗକୁ ଅର୍ବାନ୍ ହାଟଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଲା ପରେ ହାଟଗୁଡ଼ିକର ସ୍ଥିତି ବିଗିଡ଼ିବାରେ ଲାଗିଛି। ଏନେଇ ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ କହିଛନ୍ତି, ତିନିଟି ଯାକ ଅର୍ବାନ ହାଟ କିଭଳି ଭଲ ଭାବେ କାର୍ଯ୍ୟକ୍ଷମ ହେବ ଏବଂ ଏହାକୁ ନେଇ ଅଧିକ କ'ଣ କରାଯାଇପାରିବ ଏବେ ସରକାରୀ ସ୍ତରରେ ଆଲୋଚନା ଜାରି ରହିଛି। ଖୁବ୍‌ଶୀଘ୍ର ରାଜ୍ୟର ଅର୍ବାନ ହାଟଗୁଡ଼ିକୁ ନେଇ ନୂଆ। ନିଷ୍ପତ୍ତି ନିଆଯିବ।

# ମୋ ଆମ୍ବୁଲାନ୍ସ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର, ୧୩।୫ (ମହାଭାରତ): ମୋ ଆମ୍ବୁଲାନ୍ସ ନାମକ ଅନୁଷ୍ଠାନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତି ଉପଯୋଗ କରି ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଏବଂ ଆମ୍ବୁଲାନ୍ସ ସେବା ଯୋଗାଇବ କ୍ଷେତ୍ରରେ କାର୍ଯ୍ୟ କରିଥାଏ।

ମୋ ଆମ୍ବୁଲାନ୍ସ ଆଜି ଓପେରେସନ୍ ସିନ୍ଦୂର ରେ ଅଂଶଗ୍ରହଣ କରିଥିବା ଅଦମ୍ୟ ସାହସୀ ଯବାନମାନଙ୍କୁ ସମ୍ମାନ ଜଣାଇବା ଉଦ୍ୟମରେ ଏକ ରକ୍ତଦାନ ଶିବିର ଆୟୋଜନ କରିଛି। ଏହି ରକ୍ତଦାନ ଶିବିର ଜୟ ଓଡ଼ିଶାର ରକ୍ତଦାନ ଅଭିଯାନ ସହଯୋଗରେ ଆୟୋଜନ ହୋଇଛି। ଏହା କ୍ରମାଗତ ଭାବରେ ଜୟ ଓଡ଼ିଶାର ତୃତୀୟ ରକ୍ତଦାନ ଶିବିର ଥିଲା। ଯାହାର ଲକ୍ଷ୍ୟ ହେଉଛି ଏହି ଭଳି ୧୦୦ ଗୋଟି ଅନୁଷ୍ଠାନ ସହିତ ରକ୍ତଦାନ ଶିବିର ଆୟୋଜନ କରିବ। ଏହି ରକ୍ତଦାନ ଶିବିର ଭୁବନେଶ୍ୱର ର ଏସ୍ ଆର୍ ଭ୍ୟାଲି ନିକଟସ୍ଥ ମୋ ଆମ୍ବୁଲାନ୍ସ ର




କାର୍ଯ୍ୟାଳୟ ରେ ମୋ ଆମ୍ବୁଲାନ୍ସ ର ପ୍ରତିଷ୍ଠାତା ଦୀପ୍ତି ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଅନେକ ଲୋକ ସ୍ୱଇଚ୍ଛାରେ ରକ୍ତ ଦାନ କରି ସାମାଜିକ ଦାୟିତ୍ୱ ଓ ସଚେତନତା ର ପ୍ରତି ଅନୁପ୍ରେରଣା ଦେଇଥିଲେ। ଏହି ଅବସରରେ ଜୟ ଓଡ଼ିଶାର ଅଧ୍ୟକ୍ଷ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟ କହିଥିଲେ: ମୋ ଆମ୍ବୁଲାନ୍ସ ପରି ଯେକୌଣସି ସଂସ୍ଥା, ଅନୁଷ୍ଠାନ, କ୍ଲବ୍ କବ ଆସୋସିଏସନ୍ ଯାହାର ୫୦ ରୁ ଅଧିକ ସଦସ୍ୟ ଅଛନ୍ତି ସେମାନେ ଏପରି ଶିବିର ଆୟୋଜନ କରିପାରିବେ, ଯାହାଦ୍ୱାରା ଗ୍ରୀଷ୍ମ ପ୍ରବାହ ସମୟରେ ରକ୍ତର ଅଭାବ ଜନିତ ସମସ୍ୟାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ହ୍ରାସ କରିପାରିବା।

# ପୂଜ୍ୟପୂଜା ଓଡିଶାର ମାସିକ ଆଲୋଚନାଚକ୍ର

ଭୁବନେଶ୍ୱର, ୧୩।୫ (ମହାଭାରତ): ପୂଜ୍ୟ ପୂଜା, ଓଡିଶା ର ମାସିକ ଆଲୋଚନା ଚକ୍ର ଓଡିଶା ଲେଖକ ସମବାୟ ସମିତି ପରିସରରେ ଇଂ ଗଣେଶ ଚନ୍ଦ୍ର ପଣ୍ଡା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର, ବକ୍ତା ଓ ଆଲୋଚକ ଭାବେ ମିନତୀ ଷଡ଼ଙ୍ଗୀ, ସିଦ୍ଧାର୍ଥ କାନୁନଗୋ, ପ୍ରଫେସର ଭାରତ ଭୂଷଣ ରଥ, ପ୍ରହଲ୍ଲାଦ ସାହୁ, ହୃଷିକେଶ ସେଠି ଆଦି ଯୋଗଦାନ କରି ଗଣ କବି ବୈଷ୍ଣବ ପାଣି, ପାଟକୁରା ର ପ୍ରାକ୍ତନ ବିଧାୟକ ତଥା ସମାଜସେବୀ ଚକ୍ରଧର ଶତପଥି, ଲୋକନାଥ ମିଶ୍ର, କେନ୍ଦ୍ରାପଡ଼ା ର ପ୍ରାକ୍ତନ ବିଧାୟକ ସମାଜସେବୀ ଯଦୁମଣି ମଙ୍ଗରାଜ, ଭଗବାନ ପୁର




ଗ୍ରାମ ର ବିଶିଷ୍ଟ ଠିକାଦାର ତଥା ସମାଜସେବୀ ପରୋପକାରୀ ବ୍ୟକ୍ତି ଚୌଧୁରୀ କସ୍ତୁରୀ ଚରଣ ଦାଶ, ଖଣ୍ଡପଡ଼ା ର ପ୍ରାକ୍ତନ ବିଧାୟକ ସମାଜସେବୀ ଅନ୍ତର୍ଯ୍ୟାମୀ ସାହୁ, ବାଲେଶ୍ୱର ର ପ୍ରାକ୍ତନ ସାଂସଦ ସମାଜସେବୀ ସମରେନ୍ଦ୍ର କୁଣ୍ଡୁ, ଶ୍ୟାମସୁନ୍ଦର ମହାପାତ୍ର ଆଦି ଙ୍କ ବହୁମୁଖୀ ପ୍ରତିଭା ଉପରେ ସୁବିସ୍ତୃତ ଆଲୋଚନା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅନୁଷ୍ଠାନ ର ଅଭିମୁଖ୍ୟ ସମ୍ପର୍କ ରେ ସୁବିସ୍ତୃତ ଆଲୋଚନା କରିଥିଲେ। ରାମଚନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସଚିବଙ୍କ ଆବାସ କାର୍ଯ୍ୟ ତଦାରଖ

ଭୁବନେଶ୍ୱର, ୧୩।୫ (ମହାଭାରତ): ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ରବିବାର ଉତ୍କଳ ହସ୍ପିଟାଲ ନିକଟସ୍ଥ ଚନ୍ଦ୍ରଶେଖର ବୁଦ୍ଧ ବିହାର କଲୋନୀରେ ଥିବା ଅର୍ବାନ ସ୍ଲମ୍ ହାଉସିଂ ପ୍ରୋଜେକ୍ଟର କ୍ଷେତ୍ର ପରିଦର୍ଶନ କରିଥିଲେ। ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ ଏବଂ ବିଡିଏ ଭାଇସ ଚେୟାରମ୍ୟାନ୍ ଡକ୍ଟର ଥିରୁମାଲା ନାଏକଙ୍କ ସହ ପ୍ରମୁଖ ସଚିବ କଲୋନୀର ବିକାଶ ସମୀକ୍ଷା କରିଥିଲେ ଏବଂ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ଏହି ସମୀକ୍ଷାର ମୁଖ୍ୟ ବିଷୟ ଭିତ୍ତିଭୂମି ଏବଂ ପରିମଳ ଉପରେ ଥିଲା। ଏହି ସମୟରେ ସେଠାରେ ରହୁଥିବା ଲୋକଙ୍କ ଜୀବନ ଧାରଣର ସ୍ଥିତି ଉପରେ ଆଲୋଚନା କରିଥିଲେ। ଏଥି ସହିତ ଅଧିକାରୀମାନେ ପ୍ରକଳ୍ପର ସମୟସୀମା ସମାପ୍ତି ଏବଂ ଗୁଣବତ୍ତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଗସ୍ତ ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କ ଜୀବନକୁ ଉନ୍ନତ କରିବା ଏବଂ ସେମାନଙ୍କ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ନର୍ସମାନେ ଦୟା, ଯତ୍ନଶୀଳ ଓ ସେବା ମନୋବୃତ୍ତି ଆପଣାନ୍ତୁ

ଭୁବନେଶ୍ୱର, ୧୩।୫ (ମହାଭାରତ): କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନର୍ସିଂ ସାଇନ୍‌ସେସ୍ (କିନ୍‌ସ) ପକ୍ଷରୁ ଆଜି ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିନ୍‌ସର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ତଥା କାର୍ଯ୍ୟରତ ନର୍ସମାନଙ୍କୁ ସମ୍ବୋଧିତ କରି କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ନର୍ସମାନେ ହେଉଛନ୍ତି ସେବାର ପ୍ରତୀକ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜଣେ ରୋଗୀ ସୁସ୍ଥ ହେବାରେ ଡାକ୍ତରଙ୍କଠାରୁ ନର୍ସମାନଙ୍କର ଅଧିକ ଭୂମିକା ରହିଛି। ସେମାନଙ୍କ ସେବା ଓ ଯତ୍ନର ସ୍ପର୍ଶରେ ଜଣେ ରୋଗୀ ସୁସ୍ଥ ହୋଇପାରେ। ତେଣୁ ନର୍ସମାନେ ସର୍ବଦା ରୋଗୀଙ୍କ ପ୍ରତି ଦୟା ଓ ସମ୍ବେଦନଶୀଳ ମନୋଭାବ ପୋଷଣ କରିବା ସହ ସେମାନଙ୍କ ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଚଳିତବର୍ଷ




ଅନ୍ତର୍ଜାତୀୟ ସେବିକା ଦିବସର ବିଷୟବସ୍ତୁ 'ଆୱାର ନର୍ସେସ୍ ଆୱାର୍ ଫିଉଚର- କେୟାରିଂ ଫର୍ ନର୍ସେସ୍ ଷ୍ଟ୍ରେନ୍‌ଦେନ୍‌ସ ଇକୋନମିଜ୍' ଉପରେ ଗୁରୁତ୍ୱଦେଇ କହିଲେ, ନର୍ସମାନେ ଠିକ୍ ସେବା ଯୋଗାଇ ଦେଲେ ଏହା ଉଭୟ ରୋଗୀ ଓ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ଅନୁଷ୍ଠାନର ଅର୍ଥନୀତି ସୁଦୃଢ଼ କରିପାରିବ। ନର୍ସମାନେ ହେଉଛନ୍ତି ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ସେତୁବନ୍ଧ ବୋଲି କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା. ସିବିକେ ମହାନ୍ତି କହିଥିଲେ। କାର୍ଯ୍ୟକ୍ରମରେ କିମ୍‌ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ଆର ସି ଦାସ, କିମ୍‌ସ ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ମାନସ ରଞ୍ଜନ ବେହେରା, ସ୍କୁଲ୍ ଅଫ୍ ନର୍ସିଂ, ଆଲାଏଡ୍ ସାଇନ୍‌ସେସ୍, ଫାର୍ମାସୀ ଓ ଫିଜିଓଥେରାପି ସ୍କୁଲ୍‌ର ନିର୍ଦ୍ଦେଶକ ବ୍ରିଗେଡ଼ିୟର ଡା. ଅମ୍ବିକା ପ୍ରସାଦ ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବିବାଦରେ ଦିଦି

ଆମେରିକାଠାରୁ ଆରମ୍ଭ କରି ଆଫ୍ରିକା ପର୍ଯ୍ୟନ୍ତ ସବୁଠି ନନ୍ଦିଘୋଷ ଗଡୁଛି । କିନ୍ତୁ ଏହା ଦ୍ୱାରା ପୁରୀର ଗୁରୁତ୍ୱ ବା ଗରିବା ହ୍ରାସ ପାଇନି । ମହାପ୍ରଭୁଙ୍କ ଲୀଳା ଖେଳା ଦେଖିବାକୁ ପ୍ରତି ବର୍ଷ ପୁରୀକୁ ଲକ୍ଷ ଲକ୍ଷ ଲୋକ ଆସୁଛନ୍ତି । ବିଶ୍ୱର କୋଣ ଅନୁକୋଣରେ ମସଜିଦ ରହିଛି, କିନ୍ତୁ ମୁସଲମାନ ଧର୍ମାବଲମ୍ବୀମାନେ ମକ୍କା ମଦିନା ଯାଉଛନ୍ତି । ତେଣୁ ହିନ୍ଦୁ ଧର୍ମର ଚାରି ଧାମ ମଧ୍ୟରୁ ଅନ୍ୟତମ ପୁରୀର ଜଗନ୍ନାଥ ଧାମ ହେଉଛି ଅନନ୍ୟ । ଏହାର ବିକଳ୍ପ ନାହିଁ । ବିଶ୍ୱର ଅନ୍ୟ କେଉଁଠି ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ ହେଲେ ବି ଏହାକୁ ଶ୍ରୀମନ୍ଦିର କୁହାଯାଇପାରିବ ନାହିଁ କିମ୍ବା ସେହି ସ୍ଥାନକୁ ଜଗନ୍ନାଥ ଧାମ କୁହାଯାଇପାରିବ ନାହିଁ । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ପଶ୍ଚିମବଙ୍ଗର ଦୀଘାରେ ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ ହେବା ପରେ ଏହାକୁ ଜଗନ୍ନାଥ ଧାମ ବୋଲି କୁହାଯାଉଛି । ଏହା ଗ୍ରହଣୀୟ ନୁହେଁ । ଏହାକୁ ନେଇ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ବିବାଦ ଚାଲିଛି । କଥା ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଗଲାଣି । ଏହାକୁ ନେଇ ରାଜନୀତି ମଧ୍ୟ ଚାଲିଛି । ଏକଥା କହିବାର ଆବଶ୍ୟକତା ନାହିଁ ଯେ, ଓଡ଼ିଶାର ପଡ଼ୋଶୀ ପଶ୍ଚିମବଙ୍ଗ ଆଜିକୁ ବହୁ ବର୍ଷ ହେବ ଓଡ଼ିଶା ଏବଂ ଓଡ଼ିଆଙ୍କ ବିରୋଧରେ ଷଡ଼ଯନ୍ତ୍ର କରି ଆସୁଛି । ଯେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଲାଗି ଆନ୍ଦୋଳନ ହୋଇଥିଲା ସେତେବେଳେ ବେଙ୍ଗଲର ଜଣେ ବିଶିଷ୍ଟ ବ୍ୟକ୍ତି ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କହିଥିଲେ । ଆଜି ଅନେକ ବର୍ଷ ହେଲାଣି ଏହାକୁ କେହି ଭୁଲି ନାହାଁନ୍ତି । ବେଙ୍ଗଲର ଓଡ଼ିଶା ବିରୋଧୀ ଆଭିମୁଖ୍ୟ ଏବଂ ଷଡ଼ଯନ୍ତ୍ରକୁ ସମସ୍ତେ ଅନୁଭବ କରିଛନ୍ତି । ଇଂରେଜମାନେ ପ୍ରଥମେ କଲିକତାକୁ ରାଜଧାନୀ କରିଥିଲେ । ତେଣୁ ବେଙ୍ଗଲରେ ଆଧୁନୀକ ଶିକ୍ଷା ଏବଂ ସଭ୍ୟତା ପ୍ରଥମେ ବିକଶିତ ହୋଇଥିଲା । ତେଣୁ ଶିକ୍ଷାଗତ, ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ବେଙ୍ଗଲ ଓଡ଼ିଶା ତୁଳନାରେ ଯଥେଷ୍ଟ ଆଗୁଆ । କିନ୍ତୁ ପୁରାତନ ଐତିହ୍ୟ ଏବଂ ସଂସ୍କୃତିକୁ ବିଚାର କଲେ ଓଡ଼ିଶା ଅନେକ ଆଗରେ ରହିବ । କବି ଗୁରୁ ରବିନ୍ଦ୍ରନାଥ ଠାକୁରଙ୍କଠାରୁ ବହୁ ଉତ୍କୃଷ୍ଟ କବିତା ଓଡ଼ିଆରେ ଲେଖାଯାଇଛି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସହ ଭାରତର କୌଣସି କବି ସମକକ୍ଷ ନୁହଁନ୍ତି । କିନ୍ତୁ ଓଡ଼ିଆମାନେ କେବେ ନିଜ ସ୍ୱାର୍ଥ ବା ସମ୍ମାନ ପାଇଁ ଏକତାବଦ୍ଧ ଭାବେ ଲଢ଼ନ୍ତି ନାହିଁ । ତେଣୁ ବିଶ୍ୱଦରବାରରେ ଓଡ଼ିଆ ଆଜି ପଛରେ ପଡ଼ିଛି । ଯାହା ବି ହେଉ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ଅନେକ ବିବାଦ ରହିଛି ଯାହା ପଶ୍ଚିମବଙ୍ଗର ଓଡ଼ିଶା ବିରୋଧୀ ଷଡ଼ଯନ୍ତ୍ରରୁ ସୃଷ୍ଟି ହୋଇଛି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆଞ୍ଚଳିକବାଦ ନୀତି ସମ୍ପର୍କରେ ସମସ୍ତଙ୍କୁ ଊଣା ଅଧିକେ ଜଣା । ସେ ଯେତେବେଳେ କେନ୍ଦ୍ରରେ ରେଳବାଇ ମନ୍ତ୍ରୀ ଥିଲେ, ରେଳ ବଜେଟର ସିଂହଭାଗ ପଶ୍ଚିମବଙ୍ଗକୁ ଯାଉଥିଲା । ଓଡ଼ିଶାକୁ ଅବହେଳା କରୁଥିଲେ । ପୂର୍ବତଟ ରଳପଥ ଦାବିକୁ ସେ ଚାପି ରଖିଥିଲେ । ପରେ ନୀତିଶ କୁମାର ରେଳମନ୍ତ୍ରୀ ହେବା ପରେ ଏହା କାର୍ଯ୍ୟକାରୀ ହୋଇଥିଲା । ମମତା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ହେବା ପରେ ଦୁଇ ରାଜ୍ୟ ମଧ୍ୟରେ ଅନେକ ବିବାଦ ମୁଣ୍ଡ ଟେକିଛି ବା ପୁରୁଣା ବିବାଦ ଉଗ୍ରରୂପ ନେଇଛି । ଗତ କିଛି ବର୍ଷ ହେବ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ଆମଦାନୀ ନେଇ ବିବାଦ ଲାଗି ରହିଛି । ମଝିରେ ମଝିରେ ମମତା ବାନାର୍ଜୀ ଓଡ଼ିଶାକୁ ଆଳୁ ପଠାଇବାକୁ ବନ୍ଦ କରନ୍ତି । ଫଳରେ ଓଡ଼ିଶାରେ ଆଳୁର ଅଭାବ ଏବଂ ଦରବୃଦ୍ଧି ପାଇଥାଏ । ଏବେ ଦୀଘାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାକୁ ନେଇ ଏକ ନୂଆ ବିବଦ ଆରମ୍ଭ ହୋଇଛି । ଦୀଘାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ସ୍ୱାଗତ ଯୋଗ୍ୟ । ସାରା ବିଶ୍ୱରେ ମହାପ୍ରଭୁଙ୍କ ବହୁ ମନ୍ଦିର ରହିଛି । କିନ୍ତୁ ପୁରୀ ବ୍ୟତିତ ଅନ୍ୟ କୌଣସି ସ୍ଥାନକୁ ଶ୍ରୀକ୍ଷେତ୍ର ବୋଲି କୁହାଯାଇପାରିବ ନାହିଁ ।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଜଙ୍ଗଲ ନିଆଁ


ଓଡ଼ିଶାରେ ୧୯୮୮ ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି । ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋଗ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ ମସିହାରେ ଏ ନେଇ କିଛି ନିୟମ ଜାରି କରିଛନ୍ତି । ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ା କଡ଼ି ଉଲ୍ଲେଖ ରହିଛି । ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି ।


॥ ଅଲେଖ ଚନ୍ଦ୍ର ସାମଲ ॥

ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି । ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଗ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ । ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି । ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ । ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୧୩ ମସିହା ଡିସେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା । ସେବେଠାରୁ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି । ଏହି ଦିନ ବିଲୁପ୍ତ ହୋଇଆସୁଥିବା ବନ୍ୟପ୍ରାଣୀଙ୍କ ସଂପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ । ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ । ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ । କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ । ଫରେଷ୍ଟ ସର୍ଭେ ଇଣ୍ଡିଆର ରାଜ୍ୟୱାରି ଜଙ୍ଗଲ ନିଆଁ ସମ୍ବନ୍ଧରେ ପ୍ରଦତ୍ତ ତଥ୍ୟ ଏଠାରେ ଉଲ୍ଲେଖ ଯୋଗ୍ୟ କରାଯିବା ପ୍ରାସଙ୍ଗିକ ମନେ ହୁଏ ।

୨୦୨୦ର ତଥ୍ୟ ଅନୁଯାୟୀ ଆମ ରାଜ୍ୟ ଓଡ଼ିଶାରେ ୪୭,୧୪୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି । ଯାହାକି ସମଗ୍ର ଦେଶର ଜଙ୍ଗଲ ଅଞ୍ଚଳର ୭.୩୪ ପ୍ରତିଶତ । ତନ୍ମଧ୍ୟରୁ ୨୫୯୦ ବର୍ଗ କିଲୋମିଟର ଜଙ୍ଗଲ ବନାଗ୍ନି ପ୍ରବଣ । ସେହିପରି ଆନ୍ଧ୍ରପ୍ରଦେଶରେ ୪୭,୨୫୬ ବର୍ଗକିଲୋମିଟର ଜଙ୍ଗଲ ମଧ୍ୟରୁ ୧୨୯ ବର୍ଗକିଲୋମିଟର, ଅରୁଣାଚଳ ପ୍ରଦେଶରେ ୬୮,୬୬୧ ବର୍ଗକିଲୋମିଟରରୁ ୧୦୧ ବର୍ଗକିଲୋମିଟର, ଛତିଶଗଡ଼ରେ ୫୭,୪୮୪ ବର୍ଗକିଲୋମିଟର ମଧ୍ୟରୁ ୧୨୧ ବର୍ଗକିଲୋମିଟର, ଝାଡ଼ଖଣ୍ଡରେ ୨୧,୭୪୩ ବର୍ଗକିଲୋମିଟରରୁ ୪୭୨ ବର୍ଗକିଲୋମିଟର, କର୍ଣ୍ଣାଟକରେ ୩୨,୩୪୩ ବର୍ଗକିଲୋମିଟରରୁ ୧୦୭ ବର୍ଗକିଲୋମିଟର, ମଧ୍ୟପ୍ରଦେଶରେ ୭୭,୯୧୨ ବର୍ଗକିଲୋମିଟରରୁ ୩୦୯୬ ବର୍ଗକିଲୋମିଟର, ମହାରାଷ୍ଟ୍ରରେ ୪୩,୮୫୯ ବର୍ଗକିଲୋମିଟରରୁ ୫୮୪ ବର୍ଗକିଲୋମିଟର ଓ ଉତ୍ତରାଞ୍ଚଳରେ ୨୩,୨୫୪ ବର୍ଗକିଲୋମିଟରରୁ ୪୪୯୨ ବର୍ଗକିଲୋମିଟର ଜଙ୍ଗଲ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥାଏ ।

ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ । ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ଅଧିକ ଗତି ଓ ପାହାଡ଼ରୁ ଗଡ଼ି ଆସୁଥିବା ବଡ଼ ବଡ଼ ପଥର ପରସ୍ପର ସହିତ ଧକ୍କା ଲାଗି ନିଆଁ ସୃଷ୍ଟି କରିଥାନ୍ତି । ଏହା ସତ୍ୟ ଯେ, ଜଙ୍ଗଲ ମୁଲକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ । ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି । ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି । ଦରପୋଡ଼ା ଗଛରୁ ସେମାନେ ଅଙ୍ଗାର ସଂଗ୍ରହ କରି ବଜାରରେ ବିକ୍ରି କରିଥାଆନ୍ତି । ଅଧିକ ପରିମାଣରେ ଅଙ୍ଗାର ସଂଗ୍ରହ ପାଇଁ ସେମାନେ ବିସ୍ତୀର୍ଣ୍ଣ ଜଙ୍ଗଲ ଅଞ୍ଚଳରେ ନିଆଁ ଲଗାଇ ଦେବା ଫଳରେ ଏହି ନିଆଁ ସାରା ଜଙ୍ଗଲକୁ ମାଡ଼ିଯାଇ ବ୍ୟାପକ କ୍ଷତି ଘଟାଇଥାଏ ।

ପୁଣି ଜଙ୍ଗଲଜାତ ସାମଗ୍ରୀ ଯଥା ମହୁଲ, ଶାଳମଞ୍ଜି ଟୋଲ ଆଦି ସଂଗ୍ରହ ସକାଶେ ଏସବୁ ଗଛର ମୂଳ ସଫା ରଖିବା ପାଇଁ ଆଦିବାସୀମାନେ ତଳେ ଝରିପଡୁଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଇଥାଆନ୍ତି । ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ । ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ । ଅନେକ ଜୀବଜନ୍ତୁଙ୍କର ପ୍ରାଣହାନୀ କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ । ଗଛ ଧ୍ୱଂସ ପାଉଥିବା ଯୋଗୁଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଳେଷଣରେ ବ୍ୟାଘାତ ଘଟେ । ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ । ଜଙ୍ଗଲ ସମ୍ପଦ ହ୍ରାସଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଏ । ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀମାନଙ୍କର ଜୀବନଜୀବିକା ବିପନ୍ନ ହୁଏ । ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ ।

ଓଡ଼ିଶାରେ ୧୯୮୮ ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି । ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋଗ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ ମସିହାରେ ଏ ନେଇ କିଛି ନିୟମ ଜାରି କରିଛନ୍ତି । ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ା କଡ଼ି ଉଲ୍ଲେଖ ରହିଛି । ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି । ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି । ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ୍ୟ କଟକଣା ଜାରି କରାଯାଇଛି । ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ୍ୟ ରହିଛି । ଜଙ୍ଗଲରେ କୌଣସି କାରଣବଶତଃ ଅଗ୍ନି ଦେଖାଯିବା ମାତ୍ରେ ନିକଟସ୍ଥ ଗ୍ରାମଗୋଷ୍ଠୀକୁ ସୂଚୀତ କରାଇବା ଦ୍ୱାରା ସେମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଛି । ଜଣାଯାଇଛି ଯେ, ଓଡ଼ିଶାରେ ୨୦୦୫ ମସିହାରେ ଯେଉଁ ପରିମାଣରେ ଜଙ୍ଗଲ ପୋଡ଼ି ହୋଇଥିଲା ତାହା ସମଗ୍ର ଦେଶରେ ତୃତୀୟ ଏବଂ ଏହାର ପରିମାଣ ୫.୪୯ ପ୍ରତିଶତ ।

ଆମ୍ଭେମାନେ ପ୍ରକୃତି ପ୍ରଦତ୍ତ ଜଙ୍ଗଲ ସମ୍ପଦ ନଷ୍ଟ କରୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛୁ । କେବଳ ଭାରତରେ ନୁହେଁ ଭୟାବହ ଜଙ୍ଗଲ ନିଆଁ, ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅପୂରଣୀୟ କ୍ଷତି କରୁଛି । ବହୁ ବିଳମ୍ବରେ ହେଲେ ବି ଭାରତରେ ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ଜଙ୍ଗଲ ନିଆଁକୁ ଆୟତ୍ତ କରିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି । ସେହିପରି ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ପାଇଁ ସରକାର କଡ଼ାକଡ଼ି ଆଇନ କରିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଅନେକ ସାମାଜିକ ଅନୁଷ୍ଠାନମାନେ ନିୟମିତ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି ।

ନିରୀକ୍ଷଣ ମଞ୍ଚରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ୍ୟ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ସଠିକ୍ ନଜର ରଖାଯାଇପାରୁଛି । ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି । ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ । ଜଙ୍ଗଲ ହେଉଛି ଆମ ପ୍ରକୃତି ମାତାର ଅନବଦ୍ୟ ରୂପ । ଏହାକୁ ଭଲପାଇବା ଦ୍ୱାରା କେବଳ ପ୍ରକୃତି ନୁହେଁ ଆମେ ଆମ ନିଜ ଜୀବନକୁ ସୁନ୍ଦର ଓ ସାର୍ଥକ କରିପାରିବା ।


ପୂର୍ବତନ ଡିଏଫଓ (କେନ୍ଦୁଲିଫ୍), ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩


# ବୋତଲ ପାଣି କ'ଣ ଶତପ୍ରତିଶତ ଶୁଦ୍ଧ ?

॥ ଗୋପାଳ ମହାପାତ୍ର ॥

ଦେଶରେ ପାନୀୟ ଜଳର ଶୁଦ୍ଧତା ନାମରେ କୋଟି କୋଟି ଟଙ୍କାର ବ୍ୟବସାୟ ଚାଲିଛି । ଏ ବାବଦରେ କେହି ଅସନ୍ତୋଷ ପ୍ରକାଶ କରୁନାହାଁନ୍ତି କିମ୍ବା ଏହାକୁ ଅପରାଧ ବୋଲି ମଧ୍ୟ କହୁନାହାଁନ୍ତି । ଏହା ଆଶ୍ଚର୍ଯ୍ୟର ବିଷୟ ନିଶ୍ଚୟ । ଶୁଦ୍ଧ ପାନୀୟ ଜଳ (ବୋତଲରେ ବିକ୍ରି ହେଉଥିବା ପାଣି) ର ବ୍ୟବସାୟ କରୁଥିବା ଲୋକେ ଭୂତଳ ଜଳକୁ ଛାଣି ବା ଫିଲଟର କରି ବୋଲତ ଏବଂ ଜାର୍‌ରେ ଭର୍ତ୍ତି କରିଦେଉଛନ୍ତି । ଫିଲ୍‌ଟର କରାଯାଉଥିବା ଏହି ପାଣିକୁ ହାଲୁକା ନୀଳ ରଙ୍ଗ କରିବା ପାଇଁ ସେଥିରେ କେମିକାଲ୍ ମିଶାଯାଉଛି । ଦେଶରେ ବୋତଲରେ ଭର୍ତ୍ତି ହୋଇ ବିକ୍ରି ହେଉଥିବା ପାଣି ନାମରେ ମନମାନି ଚାଲିଛି । ହଜାରରୁ ଅଧିକ କମ୍ପାନୀ ଦେଶରେ ଏହି ପାଣିର ବେପାର ଚଳାଇଛନ୍ତି । ପାଉଚ (ଜରି ପ୍ୟାକେଟ୍)ରେ ପାଣି ମଧ୍ୟ ବିକ୍ରି କରାଯାଉଅଛି । ଏହି ପାଉଚ୍ ପାଣି କମ୍ପାନୀର ସଂଖ୍ୟା କେତେ ସେ ବାବଦରେ କୌଣସି ସୂଚନା ପ୍ରଶାସନ ବା ସରକାରଙ୍କ ପାଖରେ ନାହିଁ । କୀଟାଣୁନାଶକ ବା ଅନ୍ୟ ଅର୍ଥରେ ଶୁଦ୍ଧ ବୋଲି କହି ଏହି ବୋତଲ ପାଣିର ବିକ୍ରି ଚାଲିଛି । ବୋତଲ ବା ପାଉଚରେ ବିକ୍ରି ହେଉଥିବା ପାଣି ସ୍ୱାସ୍ଥ୍ୟପାଇଁ ହିତକର ବୋଲି କୁହାଯାଉଥିଲେ ମଧ୍ୟ ଅନେକ ଅଧ୍ୟୟନରୁ ଜଣାପଡିଛି ଯେ, ଶୁଦ୍ଧ ବୋଲି କୁହାଯାଇ ବିକ୍ରି କରାଯାଉଥିବା ବୋତଲ ପାଣିର ଶୁଦ୍ଧତାର ମାତ୍ରା କମ୍ ।

ଔଦ୍ୟୋଗିକ ବର୍ଜ୍ୟବସ୍ତୁ ନଦୀରେ ମିଶିବା କାରଣରୁ ନଦୀର ଜଳ ପ୍ରଦୂଷିତ ହୋଇଥାଏ ଏବଂ ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହୋଇଥାଏ । ଏହାର ସମାଧାନ କରାଯିବା ପରିବର୍ତ୍ତେ ଏହାକୁ ନେଇ ବିଭିନ୍ନ ଗଣମାଧ୍ୟରେ ଖବର ପ୍ରସାରିତ ହେବା କାରଣରୁ ସାଧାରଣ ଲୋକଙ୍କର ସ୍ୱାସ୍ଥ୍ୟପ୍ରତି ଚିନ୍ତା ବଢୁଛି । ଏହାର ଫାଇଦା ଉଠାଇ ବୋତଲ ପାଣି ବିକ୍ରି କରୁଥିବା କମ୍ପାନୀମାନେ ବିଜ୍ଞାପନ ମାଧ୍ୟମରେ ସୁସ୍ଥ ରହିବା ପାଇଁ ବୋତଲ୍ ପାଣି ପିଇବାର ଆବଶ୍ୟକତା ରହିଛି ବୋଲି ପ୍ରବର୍ତ୍ତାଉଛନ୍ତି । ପ୍ରଚାର ଓ ବିଜ୍ଞାପନ କାରଣରୁ ସାଧନ ସମ୍ପର୍ଣ୍ଣ ବ୍ୟକ୍ତିମାନେ ଏହି ବୋତଲ ପାଣିର ବ୍ୟବହାର କରୁଛନ୍ତି । ମଧ୍ୟମବର୍ଗର ଲୋକମାନେ ମଧ୍ୟ ଏହାକୁ ଆପଣେଇ ନେଲେଣି । ଏଣୁ ପାଣି ପାଇଁ ପାଣି ଭଳି ଅର୍ଥ ବ୍ୟୟ କରୁଛନ୍ତି ଏ ଦେଶର ଜନସାଧାରଣ । କିନ୍ତୁ ନା ଜନସାଧାରଣ, ନା ସରକାର ନଦୀଜଳ / ଜଳଉତ୍ସ ସବୁକୁ ସଫା କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି । କିନ୍ତୁ ଏହା ହେଲେ ସମସ୍ତଙ୍କୁ ଶୁଦ୍ଧ ପାନୀୟଜଳ ମିଳିପାରନ୍ତା । ନୈତିକ ଦାୟିତ୍ୱରୁ ସମସ୍ତେ ଦୂରେଇ ଯିବା କାରଣରୁ ଏହି ବୁନିଆଦି ଆବଶ୍ୟକତା ଏବେ ବଜାରବାଦ ହାତକୁ ଚାଲିଯାଇଛି । ନିଜେ ସରକାର ମଧ୍ୟ ରେଳ ନୀର, ୱାର୍ଟର ଏଟିଏମ୍ ଆଦି କରି ଏହି ବ୍ୟବସାୟକୁ ଓହ୍ଲାଇଛନ୍ତି । ଦେଶର ସମସ୍ତ ଜନତାଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇଦେବା କଥା କହୁଥିବା ସରକାର ପାଣିର ବ୍ୟବସାୟ ମଧ୍ୟ କରୁଛନ୍ତି ।



ନ୍ୟାଚୁରାଲ୍ ରିସୋର୍ସେସ୍ ଡିଫେନ୍ସ କାଉନ୍‌ସିଲ୍‌ର ଅଧ୍ୟୟନରୁ ଜଣାପଡିଛି ଯେ ବୋତଲ ପାଣି ଓ ସାଧାରଣ ପାଣି ପ୍ରାୟତଃ ସମାନ । ମିନେରାଲ୍ ୱାଟର ନାମରେ ବିକ୍ରି ହେଉଥିବା ବୋତଲ ପାଣି ପାଇଁ ବ୍ୟବହୃତ ହେଉଥିବା ବୋତଲର ପ୍ରସ୍ତୁତି ବେଳେ ଏକ ବିଶେଷ ରସାୟନ ପେଥଲେଟସ୍ ର ବ୍ୟବହାର କରାଯାଏ । ଏହି ରସାୟନ ବୋତଲକୁ ମୁଲାୟମ ରଖିବାରେ ସାହାଯ୍ୟ କରିଥାଏ । ଏହି ରସାୟନ ସୌନ୍ଦର୍ଯ୍ୟ ପ୍ରସାଧନ ଏବଂ ଖେଳଣା ନିର୍ମାଣ ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ । ସାଧାରଣ ତାପମାତ୍ରାଠାରୁ ଅଧିକ ତାପମାତ୍ରାରେ ଏହି ରସାୟନ ପାଣିରେ ମିଶିଯାଏ ଓ ଆମ ଶରୀରକୁ ଗଲେ ଅନେକ ପ୍ରକାର ଦୁଃସ୍ପ୍ରଭାବ ଦେଖାଇଥାଏ । ଏଣ୍ଟିମନି ନାମକ ରସାୟନରୁ ପ୍ରସ୍ତୁତ ବୋତଲରେ ପାଣି ରଖାଗଲେ ପାଣି ଯେତିକି ପୁରୁଣା ହେବ ଏଣ୍ଟିମନିର ମାତ୍ରା ସେତିକି ବଢିବ । ଏଣୁ ଏହାର ବ୍ୟବହାର ଶରୀର ପାଇଁ କ୍ଷତିକାରକ । ଗୋଟିଏ କଥା ସତ୍ୟ ଯେ ମାଠିଆ ବା ସୁରେଇର ପାଣି ଠାରୁ ବୋତଲ ପାଣି ଉତ୍କୃଷ୍ଟ ନୁହେଁ । ବୋତଲ ପାଣିର ଆବଶ୍ୟକତା ଶୁଦ୍ଧତା ଏବଂ ସ୍ୱଚ୍ଛତା ପରିବର୍ତ୍ତେ ଫେସନ୍ ଏବଂ ଷ୍ଟାଟସ୍‌ର ସିମ୍ବଲରେ ପରିଣତ ହେବାରେ ଲାଗିଲାଣି । ବୋତଲ ପାଣିର ପ୍ରଥା କ୍ଷତିକାରକ । ପ୍ରତିଦିନ ଲକ୍ଷ ଲକ୍ଷ ବୋତଲ ବ୍ୟବହାର ପରେ ଫିଙ୍ଗି ଦିଆଯାଉଛି ଯାହା ପରିବେଶ ପାଇଁ ସଙ୍କଟ ସୃଷ୍ଟି କରୁଛି । କିନ୍ତୁ ଆମ ଦେଶର ସରକାର ଏ ଦିଗରେ ଆଖି ବୁଜିଦେଇଛନ୍ତି । ସେନ୍ ଫ୍ରାନ୍‌ସିସ୍କୋ ରେ ବୋତଲ ପାଣି ବିକ୍ରିକୁ ନିଷିଦ୍ଧ କରାଯାଇଛି । ସଲ୍ଟଲେକ୍ ସିଟିରେ ମଧ୍ୟ ଏହାର ବିକ୍ରି ନିଷିଦ୍ଧ । ପ୍ରକୃତ କଥା ହେଉଛି, ପ୍ରକୃତ୍ତି ପ୍ରଦତ୍ତ ପାଣି ବା ଜଳ ଜୀବନ ପାଇଁ ଅତି ଆବଶ୍ୟକ । ଏହାର ବଜାରୀକରଣ ହେବା ଉଚିତ୍ ନୁହେଁ । ରେଳ ନୀର ବିକ୍ରି ପରିବର୍ତ୍ତେ ରେଳଷ୍ଟେସନ୍ ମାନଙ୍କରେ ଅଧିକ ସଂଖ୍ୟକ ଫିଲଟର ଲଗାଗଲେ ରେଳଯାତ୍ରୀ ଓ ସାଧାରଣ ଲୋକଙ୍କୁ ବିଶୁଦ୍ଧ ପାଣି ମିଳିପାରନ୍ତା । ବୋତଲ ପାଣିର ବିକ୍ରି ବନ୍ଦ କରାଗଲେ ପ୍ଲାଷ୍ଟିକ୍ ଆବର୍ଜନା ମଧ୍ୟ କମିଯାଆନ୍ତା । କେନ୍ଦ୍ର ଓ ରାଜ୍ୟସରକାରମାନେ ଚାହିଁଲେ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ପାରନ୍ତେ । ବିସଙ୍ଗତି ହେଉଛି ଲୋକେ ବୋତଲ ପାଣି କିଣିବା ପୂର୍ବରୁ ତାହାର ଶୁଦ୍ଧତା ବାବଦରେ ଜାଣିବାକୁ ଚାହୁଁନାହାଁନ୍ତି । ଖାଦ୍ୟ ପଦାର୍ଥର ମୂଲ୍ୟବୃଦ୍ଧିକୁ ନେଇ ଅନେକବେଳେ ଆନ୍ଦୋଳନ ହେଉଛି । କିନ୍ତୁ ବୋତଲ ପାଣିର ଶୁଦ୍ଧତା ଏବଂ ମୂଲ୍ୟକୁ ନେଇ ଆନ୍ଦୋଳନ ହେଉନି କାହିଁକି ? ପ୍ରକୃତରେ କ'ଣ ବୋତଲ ପାଣି ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ? ଏହା କ'ଣ ଶତପ୍ରତିଷତ ଶୁଦ୍ଧ ?


ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪


# ବାଲ୍ୟକାଳୁ ଧନ ଧର୍ମ ମୁଁ ସଞ୍ଚିବି...

॥ ପଙ୍କଜ କୁମାର ପାଣିଗ୍ରାହୀ ॥

ପୁନର୍ବାର ସେହି ଧନରାଶିକୁ ନିବେଶକ ଅନ୍ୟ ଏକ ଦିଗରେ ନିବେଶ କରିବା ଛଡା କୌଣସି ପ୍ରକାରେ ନିଜର ବ୍ୟବହାର ଉପଯୋଗୀ ଖର୍ଚ୍ଚ ନକରି ପୁନର୍ବାର ସେହି ନିବେଶ ଧାନକୁ କୌଣସି ପ୍ରକାରେ ଉପଭୋଗ ନକରି ଜୀବନ ଶେଷ କରୁଥିବା ଉଦାହରଣ ୯୦ ପ୍ରତିଶତରୁ ଅଧିକ ଦେଖିବାକୁ ମିଳିବ ଉପଯୁକ୍ତ ଅନୁଧାନ କଲେ । ସାଧାରଣ ମଣିଷ ଗୁଡିକ ବ୍ୟାପକ ପରିଶ୍ରମ କରି ହେଉ କିମ୍ବା ଅନୈତିକ ଉପାୟରେ ଅର୍ଜିତ ଧନର ନିଜକୁ ପ୍ରୟୋଜନ ନଥାଇ କେବଳ ସେହି ଚତୁର ବ୍ୟବସାୟୀଙ୍କୁ ପୋଷିବା ଛଡା କୌଣସି ମୂଲ୍ୟଯୁକ୍ତ ଅନୁଭବ କରିନଥାନ୍ତି । ତେଣୁ ଚତୁର ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଲୋକଙ୍କୁ ଏହି ବାର୍ତ୍ତା ପ୍ରଦାନ କରିଥାନ୍ତି ଯେ ଧନ ସଂଚୟ କଲେ ଭବିଷ୍ୟ ଉଜ୍ଜଳ ହେବ ଯାହା ଏକ ଅଲୌକିକ ବିଚାର ମଧ୍ୟରେ ଅସମାହିତ ଭାବେ ସମ୍ପୂର୍ଣ୍ଣ କରି ଶରୀର ତ୍ୟାଗ କରିଥାନ୍ତି ନିବେଶକ ସାଧାରଣ ମଣିଷ । ସେସବୁ ଏକ ସାମାଜିକ କୁହେଳିକା ବ୍ୟତୀତ ପ୍ରକୃତ ଧନ ଉପଭୋଗର କୌଣସି ନିଦର୍ଶନ ରଖିନଥାଏ ସାଧାରଣ ଲୋକଙ୍କ କ୍ଷେତ୍ରରେ ।

ଅନୁରୂପ ଧର୍ମ ବୋଲି କହି ଯେଉଁ ଜଡ଼ବସ୍ତୁ ଗୁଡିକୁ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥାଏ ତାହା ଏକ ପିଲାଳିଆମୀ ଛଡା ଆଉ କିଛି ନୁହେଁ ! କାରଣ ଜୀବନ ବିହୀନ ଅଦୃଶ୍ୟ, ଅସ୍ପୃଶ୍ୟ କୌଣସି ଜଡ଼ ବସ୍ତୁଟିଏ ସମ୍ମୁଖରେ କେତେ ମୁଣ୍ଡ ପିଟି ପ୍ରାର୍ଥନା କଲେ ମଧ୍ୟ ଫଳ ପ୍ରାପ୍ତିର କୌଣସି ନିଦର୍ଶନ ରହିନଥାଏ ଯାହା ପ୍ରାକୃତିକ ନିୟମ ସାପେକ୍ଷ । କିନ୍ତୁ ସାଧାରଣ ଲୋକଙ୍କୁ ବିଭିନ୍ନ ଭୟାବହ ସନ୍ଦେଶ ଦେଇ ଚତୁର ଧର୍ମ ପ୍ରଚାରକ ଏବଂ ସେମାନଙ୍କ ସହଯୋଗୀ ମାନେ ପୂଜା ଆରାଧନା ନାମରେ ବ୍ୟାପକ ଧନ ଆହରଣ କରୁଥିବା ବେଳେ ସେମାନଙ୍କୁ ନିଜର ବଶୀଭୂତ କରି ରଖିବା ଉଦ୍ଦେଶ୍ୟରେ ଏହିଭଳି ଅଯୌକ୍ତିକ, ଅମାନବୀୟ ପ୍ରେରଣା ଦେଇଥାନ୍ତି ଯାହା ସାଧାରଣ ନିର୍ବୋଧ କିଛି ନବୁଝି କେବଳ ଭୟରେ ସେଗୁଡିକୁ ଗ୍ରହଣ କରି ଚାଲିଥିବା ଆମ ସମାଜର ବିଭୀଷିକା ଅତ୍ୟନ୍ତ ମର୍ମସ୍ପର୍ଶୀ । ନିର୍ଦ୍ଦିଷ୍ଟ ଭାବେ ଦେଖିବାକୁ ଗଲେ ଭାରତୀୟ ସନାତନ ଧର୍ମ ଏକ ବୈଜ୍ଞାନିକ ଚେତନାଶୀଳ ଶାସ୍ତ୍ର ଯେଉଁଥିରେ କୌଣସି ମୂର୍ତ୍ତି ପୂଜା କିମ୍ବା ଭଗବାନଙ୍କ ଉପସ୍ଥିତି ବିଷୟରେ ବର୍ଣ୍ଣିତ ହୋଇନାହିଁ ! ସନାତନ ଧର୍ମ କେବଳ ମଣିଷକୁ ମଣିଷ ଭଳି ଗଢି ତୋଳିବାର ପ୍ରୟାସ କରି ଏକ ମାନବୀୟ ସତ୍ୟ ଆଧାରିତ ପ୍ରେରଣା ଦେଇଛି ଯାହା ସାଧାରଣ ଲୋକଙ୍କୁ ଆଦୌ ଗୋଚର ନାହିଁ ! କାରଣ ଚତୁର ବ୍ୟପାରୀ ଧର୍ମ ଗୁରୁ, ପ୍ରଚାରକ ସେଗୁଡିକୁ କଦର୍ଥ କରି ତାହାର ବିପରୀତରେ ବିଭିନ୍ନ ମିଥ୍ୟା ସନ୍ଦେଶ ଦେଇ ଲୁଣ୍ଠନ କରିବାରେ ବ୍ୟସ୍ତ ଆଜିର ବିଭୀଷିକାର ଅନ୍ତ ନାହିଁ । ସେମାନଙ୍କ ସେହି ଅବୈଜ୍ଞାନିକ, ଅସତ୍ୟ ବାଚଳ ପ୍ରେରଣାରେ ଅଭିଷିକ୍ତ ହୋଇ ସାଧାରଣ ନିର୍ବୋଧ ଜୀବନର ଅନେକ କିଛି ନଷ୍ଟ କରିବା ସହିତ ସାରା ଜୀବନ ସମାନଙ୍କ ଭୃତ୍ୟ ହୋଇ ଜୀବନ ଶେଷ କରୁଥିବା ଦୃଶ୍ୟ ଅତ୍ୟନ୍ତ ଦୁଖଦଃ ମର୍ମସ୍ପର୍ଶୀ ହୋଇଥାଏ ଆମ ଦେଶ କାହିଁକି ବରଂ ପ୍ରାୟତଃ ସବୁ ଧର୍ମ ସମ୍ପ୍ରଦାୟ ସବୁ ରାଷ୍ଟ୍ରରେ ବିଶ୍ୱ ବ୍ୟାପି !

ତେଣୁ ସାଧାରଣ ମଣିଷ ମାନେ ଏହି ପିଲାଳିଆମୀ, ବାଚଳାମି ପରିତ୍ୟାଗ କରି ସତ୍ୟର ପଥ ଉନ୍ମୋଚନ, ଅନୁସରଣ କରିବା ନଶିଖିଲେ ଏମିତି ସବୁ କଥାର ବିପରୀତମୁଖୀ ପ୍ରେରଣା ଗୁଡିକୁ ନେଇ ଜୀବନ ସାରା ପ୍ରତାରଣାର ଶିକାର ହୋଇ ନିଜ ଜୀବନକୁ ବିଭ୍ରାନ୍ତିକର, ଦୁଃଖଦ ପରିବେଶ ମଧ୍ୟରେ ରଖି ଜୀବନ ଶେଷ କରିବାକୁ ପଡୁଥିବ ପିଢ଼ିକୁ ପିଢ଼ି । ସବୁ ବର୍ଗର ସାଧାରଣ ମଣିଷ ମାନେ କ୍ଷୁଦ୍ର ରାସ୍ତାରେ ଅଧିକ ଲାଭ ପାଇବା ଆଶା ଛାଡି ପ୍ରକୃତ ବାସ୍ତବ ପଥରେ ଅତିକ୍ରମ କରିବା ଶିକ୍ଷା ନକରିବା ପର୍ଯ୍ୟନ୍ତ ଏହି ଦୁଃସ୍ମୃତ କେଳେଙ୍କାରୀ ଅଜ୍ଞାନ ଚତୁର ଗୋଷ୍ଠୀ ସମାଜକୁ ଏମିତି ଲୁଟୁଥିବେ ଏବଂ ସାଧାରଣ ଲୋକେ ସେମାନଙ୍କ ପ୍ରତାରଣାର ଶିକାର ହୋଇ ଚାଲିଥିବେ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି ବ୍ୟକ୍ତ କରିବେ ବୋଲି ଅନୁରୋଧ ପୂର୍ବକ ରହିଲି...


ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

## ପରିଚୟ ଖୋଜୁଛି ମହେନ୍ଦ୍ର ତନୟା ନଦୀ

ଗଜପତି, (ମହାଭାରତ) : ଜିଲ୍ଲାରେ ପ୍ରବାହିତ ହୋଇଥିବା ମହେନ୍ଦ୍ର ତନୟା ବର୍ତ୍ତମାନ କସୁଖୀ ଯାଇଛି। ଜୀବନରେଖା କୁହା ଯାଉଥିବା ମହେନ୍ଦ୍ର ତନୟା ନଦୀ ବର୍ତ୍ତମାନ ଶୁଷ୍କ ହୋଇ ପଡିଛି। ତାର ପରିଚୟ ହଯାଇଛି ନଦୀ ବର୍ତ୍ତମାନ ଗଡ଼ିଆ ଭ୍ରମ ସୃଷ୍ଟି କରିଛି। ନଦୀ ଖାଲ ଢ଼ିପ ରେ ପରିଣତ ହୋଇଛି। ନଦୀ ସାରା ଚଡି ଆ ଲଟି ହୋଇଛି । ସରି ସୃପ ଙ୍କ ଆଶ୍ରୟ ସ୍ଥଳୀ ହୋଇ ପଡିଛି । ନଦୀ ରେ ଆଉ ବାଲି ର ସ୍ତ ର ନାହିଁ ସାମାନ୍ୟ କିଛି ଟଙ୍କ। ସକାଶେ ଆବଶ୍ୟକତା ଠାରୁ ବାଲି ନେବା ଦ୍ୱାରା ପ୍ରାକୃତିକ ସମ୍ୱଳ ନଷ୍ଟ ହୋଇଗଲ୍। ଜଳ ଥିବା ବେଳେ ଜଳରେ ବୁଡି ବାଲି କଡିବା ବାଲି ସ୍ତର ହଉ ଥିବା ବେଳ ପୁଣି ବାଲି କଡିବ। ଯେତିକି ଦରକାର ତା ଠାରୁ ଅଧିକ ବାଲି ।ଡିବ ଦ୍ୱାରା ବର୍ତ୍ତମାନ୍ ନଦୀ ନିଜର ପରିଚୟ ହରାଇଛି।

## ମହାପୁରୁଷଙ୍କ ଜୀବନୀ ପଢ଼ି ସୁନାଗରିକ ହୁଅନ୍ତୁ ଛାତ୍ର ସମାଜ

ଗୁଣୁପୁର, (ମହାଭାରତ) : ରାୟଗଡା ଜିଲ୍ଲା ଗୁଣୁପୁର ବ୍ଲକ୍ ଲିମାମେଡା ଠାରେ ଥିବା ଜିଲ୍ଲାର ଏକମାତ୍ର ବାଳକ ଶିଶୁଯତ୍ନ ଅନୁଷ୍ଠାନ ବାଳ ନିକେତନ ପରିସରରେ ଆଜି ଏହାର ୪୬ ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନ ସଭାପତି ଏଲ ସୁରେଶ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ଉପଜିଲ୍ଲାପାଳ କିରଣଦିପ କୌର ସହେତା ଯୋଗଦେଇ ପିଲାମାନେ ବିଭିନ୍ନ ମହାପୁରୁଷ ଙ୍କ ଜୀବନୀ ଅଧ୍ୟୟନ କରି ଉତ୍ତମ ଚରିତ୍ର ଓ ସୁନାଗରିକ ଭାବେ ନିଜକୁ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅଗ୍ରଣୀ କୃଷିବିତ କୃଷ୍ଣ ପ୍ରସାଦ ବେବର୍ତ୍ତା, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବେଦାନ୍ତ ଆଶ୍ରମ ର ନଳିନୀ ଗୁରୁଜୀ,ସାହାରା ପରିବାର ପରାମର୍ଶ କେନ୍ଦ୍ର ର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ସାହୁ, ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନ ର ଇତିହାସ ଓ ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନ ର ପୁରାତନ ଛାତ୍ର ଯେଉଁମାନେ କି ବିଭିନ୍ନ ସରକାରୀ ପଦ ପଦବୀରେ ନିଯୁକ୍ତି ପାଇଛନ୍ତି ସେମାନେ ଉପସ୍ଥିତ ରହି ଅନୁଭୂତି ବଖାଣିବା ସହ ବର୍ତ୍ତମାନ ଅନ୍ତେବାସୀ ଙ୍କୁ ଉତ୍ତମ ଛାତ୍ର ଭାବରେ ପରିଗଣିତ ହେବା ପାଇଁ ଉତ୍ସାହିତ କରିଥିଲେ । ପୁରାତନ ଛାତ୍ର ବିଜୟନନ୍ଦ ଆନିମ, ଦାମୋଦର କୈବର୍ତ୍ତ, ଦିଲେଶ୍ୱର ଶବର, ପବିତ୍ର ଶବର, ମୂରଲୀ ଶବର, ରାଜୁ ଶବର, ଖତୁ ଶବର ପ୍ରମୁଖ ଅନୁଷ୍ଠାନ ର ଅବଦାନ ଯୋଗୁଁ ଆଜି ଆମେ ବିଭିନ୍ନ ନିଯୁକ୍ତି ସୁଯୋଗ ପାଇଛୁ ଆଜିର ଏହି କାର୍ଯ୍ୟକ୍ରମ ରେ ଆମେ ଗର୍ବିତ ବୋଲି କହିଥିଲେ । ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପିଲାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ପରିଚାଳନା କମିଟିର ସଦସ୍ୟ, ଅନ୍ତେବାସୀ ଙ୍କ ଅବିଭାବକ, କର୍ମଚାରୀ ମାନେ ଯୋଗ ଦେଇଥିଲେ । ଅନୁଷ୍ଠାନ ପରିଚାଳକ ଅକ୍ଷୟ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## କାଳବୈଶାଖୀ ଘଟି ବ୍ୟାପକ କ୍ଷୟକ୍ଷତି

ହାଟଡିହି, (ମହାଭାରତ) : ହାଟଡ଼ିହି ଅଞ୍ଚଳରେ କାଳବୈଶାଖୀ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଛି। ସନ୍ଧ୍ୟା ସାଢ଼େ ୭ଟା ଠାରୁ ୯ଟା ପର୍ଯ୍ୟନ୍ତ ଦେଢ଼ ଘଣ୍ଟା ଧରିପବନ ଯୋଗୁ ବ୍ୟାପକ କ୍ଷୟକ୍ଷତି ଅବିଶ୍ରାନ୍ତ ବର୍ଷା ପବନ ହୋଇଥିଲା। ଘଣ୍ଟାକୁ ଶହେ କିଲୋମିଟରରୁ ଉର୍ଦ୍ଧ୍ୱ ବେଗରେ ପବନ ବହିବା ଯୋଗୁଁ ବ୍ଲକ୍ର ବିଭିନ୍ନ ସ୍ଥାନରେ । ଛୋଟ ବଡ଼ ଗଛ ଉପୁଡ଼ି ଯାଇଥିବା ଅନେକ ଚାଳ ଘରର ଛପର ଉଡ଼ିଯାଇ ଥିବା ଜଣାଯାଇଛି। ଅନେକସ୍ଥାନରେ ବିଦ୍ୟୁତ ଖୁଣ୍ଟ ମଧ୍ୟ ଭାଙ୍ଗି ପଡିଛି। ବଞ୍ଚା ରାସ୍ତାରେ ଗଛ ଉପୁଡ଼ି ପଡ଼ିଥିବା ବେଳେ ଶିବନାରାୟଣପୁର ଗ୍ରାମରେ ଗଛ ପଡ଼ି ଅନେକ ଲୋକଙ୍କ କ୍ଷୟକ୍ଷତି ହୋଇଛି। ସେହିପରି ଶାସଙ୍ଗ ଗ୍ରାମକୁ ଯାଇଥିବା ରାସ୍ତାରେ ଏକ ବଡ ଗଛ ଭାଙ୍ଗି ପଡ଼ିଥିବା ବେଳେ ୧୧କେଭି ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡ଼ି ରାସ୍ତା ଅବରୋଧ ହୋଇଛି। ସେହିପରି ଅକରୁଆ, ସଢା, ନାହା, ବାଙ୍ଗୋର, ଅସିଆ, ପନ୍ଦାଡୋ, କେ ବାଲିପାଳ, ଢେଙ୍କା, ହାଟଡିହି, ସୁଲଣ, କଳିଗାଁ, ଓରାଳୀ, ହାଟଡିହି ର ମଠ କୁଣ୍ଡିସାହୀ, କପୂଣ୍ଡି, ଆଦି ପଞ୍ଚାୟତରେ ଅନେକ ଗଛପତ୍ରଭାଙ୍ଗି ପଡିଥିବା ସୂଚନା ମିଳିଛି। ଏତେ ଜୋର ପବନ ହେଲା ଯେ, ରାସ୍ତାରେ ଯିବା ଆସିବା କରୁଥିବା ଯାନବାହନ ଚଳାଚଳ ମଧ ବାଧାପ୍ରାପ୍ତ ହୋଇଥିଲା। ଏଥିରେ କପୁଣ୍ଡି ଗ୍ରାମ ରେ ଏକ ଏକାଦଶ କ୍ରିୟା ପରିବାର ଲୋକ ପ୍ରଭାବିତ ହୋଇଥିଲା ବେଳେ ଅନେକ ଛପର ଉଡୀ ଯାଇଥିଲା , ବିଦ୍ୟୁତ ସରବରାହ ବନ୍ଦ ରହିବା କେବୁଲ ତାର ଗୁଡ଼ିକ ଛିଡି ଯାଇଥିଲା।

## ସାମ୍ବାଦିକ ସଂଘ ପକ୍ଷରୁ ନୂତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

କୋକସରା, (ମହାଭାରତ) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସୀମାନ୍ତ ଆମପାଣି ଥାନାରେ ନୂତନ ଥାନା ଅଧିକାରୀ ଭାବେ ଜୟପ୍ରକାଶ ନାରାୟଣ ହୋତା ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କୋକସରା ବ୍ଲକ ସାମ୍ବାଦିକ ସଂଘ (କେବିଏସ୍ଏସ୍) ପକ୍ଷରୁ ମଙ୍ଗଳବାର ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଂଘର ସଭାପତି ଚକ୍ରଧର ବେଶ୍ରା, ସମ୍ପାଦକ ଜଗଦୀଶ ନାଏକ, ଉପ ସଭାପତି ହିରଣ୍ୟ ବେହେରା, ସହ ସମ୍ପାଦକ ପରେଶ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କ୍ରମରେ ଅଞ୍ଚଳର ଆଇନ୍ ଶୃଙ୍ଖଳା ଉପରେ ଆଲୋଚନା କରାଯାଇଥିଲା। ଆମପାଣି ଥାନା ଅଞ୍ଚଳର ଆଇନ୍ ଶୃଙ୍ଖଳା ରକ୍ଷା, ବେଆଇନ କାରବାର, ଚୋରା ଚାଲାଣ ଆଦି ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ନୂତନ ଥାନା ଅଧିକାରୀ କହିଛନ୍ତି।

## ମାଲ୍ ପରିବହନକାରୀଙ୍କୁ ଗିର' କରି ଚୁପ୍ ବସୁଛି ପୁଲିସ ଓ ଅବକାରୀ ବିଭାଗ

ନୟାଗଡ଼, (ମହାଭାରତ) : କିଛି ଦିନ ହେବ ନିଶା କାରବାରରେ ଟିକିଏ ଅଙ୍କୁଶ ଲାଗିଥିଲା। ମାତ୍ର ପୁଲିସ ଓ ଅବକାରୀ ବିଭାଗର ନଜର ଧୀରେ ଧୀରେ ଏ ଦିଗରୁ ହଟୁଥିବାରୁ ନିଶା କାରବାର କରୁଥିବା ମାଁିଆ ମାନେ ଏହାର 'ାଇଦା ନେବା ଆରମ୍ଭ କରିଛନ୍ତି। କଣ୍ଟିଲୋ-ଗଣିଆ ରାସ୍ତାରୁ କଣ୍ଟିଲୋ 'ାଣ୍ଡି ପୁଲିସ ଓ ଶରଣକୁଳ ଥାନା ଅଧୀନରେ ଏକ ପିକ୍ ?ଅପ୍ ଭ୍ୟାନ୍ ?ରୁ ବିପୁଳ ପରିମାଣର ଗଞ୍ଜେଇ ହେଉ ଅବା ଇଟାମାଟି ଥାନା ପୁଲିସ ଜବତ କରିଥିବା ୨୮ ଲକ୍ଷ ଟଙ୍କାର ଉର୍ଦ୍ଧ ଭାଙ୍ଗ ଚାଲାଣର ମୁଖ୍ୟ କାର୍ପେଟଦାର କିଏ ତାହା ଏପର୍ଯ୍ୟନ୍ତ ପୁଲିସ ହେଉ ଅବା ଅବକାରୀ ବିଭାଗ ଜାଣିପାରୁନି। କେବଳ ଏହି ମାଲ୍ ନେଇ ଯାଉଥିବା ଗାଡ଼ି ଓ ପରିବହନ ଦାୟିତ୍ୱରେ ଥିବା ଯୁବକ ମାନଙ୍କୁ ପୁଲିସ ଗିର' କରି ଚୁପ୍ ବସିଯାଉଛି। ଗତ ମାସରେ କଣ୍ଟିଲୋ-ଗଣିଆ ରାସ୍ତା ହଟିଆପଲ୍ଲୀ ଗାଁ ନିକଟରୁ ଏକ ପିକ୍ ?ଅପ୍ ଭ୍ୟାନ୍ ( ଓଡିଓ୨ ଏଚ୍- ୦୪୭୬ ) କୁ ଅଟକାଇ ଏହାକୁ ଯାଞ୍ଚ କରିବାରୁ ଏଥିରେ ବିପୁଳ ପରିମାଣର ଗଞ୍ଜେଇ ଥିବା କଣ୍ଟିଲୋ 'ାଣ୍ଡି ପୁଲିସ ଦେଖିବାକୁ ପାଇଥିଲା। ପରେ ଏହି ପିକ୍ ?ଅପ୍ ?କୁ ଭଲ ଭାବେ ଯାଞ୍ଚ କରିବାରୁ ଏଥିରେ ୧୬୫.୮୬୫ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୯୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଥିଲା। ଏତେ ପରିମାଣର ଗଞ୍ଜେଇ ଖୋର୍ଦ୍ଧା କଳାପଥରକୁ ଚାଲାଣ ହେଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା ସତ, ମାତ୍ର ଗଞ୍ଜେଇ କେଉଁଠୁ ଆସୁଥିଲା ଓ ନିର୍ଦ୍ଦିଷ୍ଟ ଭାବେ କାହା ନିକଟରେ ଏହାକୁ ପହଞ୍ଚା ଯାଇଥାନ୍ତା, ଏ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ଖଣ୍ଡପଡ଼ା ଏସ୍ ?ଡିପିଓ ମଦନ ପ୍ରଧାନ ସୂଚନା ପ୍ରଦାନ କରିଥିଲେ ମାତ୍ର ବର୍ଷମାନ ତଦନ୍ତ କୁଆଡ଼େ ଗଲା, ତାହା ଜଣାପଡୁ ନାହିଁ । ସେହିପରି ନୟାଗଡ଼-ଓଡ଼ଗାଁ ରାସ୍ତାର ବଡ଼ପୁଟ ଛକରେ ଏକ କୁଇଡ୍ କାର୍ ( ଓଡି-୦୨ବିଭି୯୪୮୪ )ରେ ୨୧.୮୦୦ କିଗ୍ରା ଗଞ୍ଜେଇ ଜବତ ହୋଇଥିଲା। ଏହି ୨ ଲକ୍ଷ ୧୮ ହଜାର ଟଙ୍କାର ଗଞ୍ଜେଇ କେଉଁଠି ଆସୁଥିଲା ଓ କୁଆଡ଼େ ଯାଇଥାନ୍ତା, ଏହାର ଉତ୍ତର ମ୍ନ ଅବକାରୀ ବିଭାଗ ନିକଟରେ ନାହିଁ। ଏହାସହ ଗତ ମାସ ୨୬ ତାରିଖ ରେ ଇଟାମାଟି ଥାନା ପୁଲିସ ୧୧ କ୍ୱିଣ୍ଟାଲ୍ ରୁ ଉର୍ଦ୍ଧ ଭାଙ୍ଗ ଜବତ କରିଥିଲା। ଜବତ ହୋଇଥିବା ଭାଙ୍ଗର ମୂଲ୍ୟ ପ୍ରାୟ ୨୮ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିବା ପରେ ପୁଲିସର ହୋସ୍ ଉଡ଼ିଯାଇଥିଲା। ଜବତ ହୋଇଥିବା ଏହି ଭାଙ୍ଗ ଭୁବନେଶ୍ୱର ଚାଲାଣ ହେଉଥିବା ଜଣାପଡ଼ିଥିଲା। ମାତ୍ର ଏହି ଚାଲାଣ ପଛରେ କେଉଁମାନେ ରହିଛନ୍ତି, ତାହା ବର୍ତ୍ତମାନ ସୁଦ୍ଧା ଜଣାପଡୁ ନାହିଁ। ଅନ୍ୟ ଅପରାଧ ଗୁଡ଼ିକ ପରି ନିଶା କାରବାରକୁ ପୁଲିସ ସେତେଟା ଗୁରୁତ୍ୱ ପ୍ରଦାନ କରୁ ନାହିଁ। 'ଳରେ ନିଶା ମାଁିଆ ମାନେ ଏହାର 'ାଇଦା ଉଠାଉଛନ୍ତି। ମାଲ୍ ପରିବହନ ଅଭିଯୋଗ ରେ ପୁଲିସ ଗିର' କରିଥିବା ଅଭିଯୁକ୍ତ ମାନଙ୍କୁ ସେମାନଙ୍କ ସହଯୋଗୀମାନଙ୍କୁ ଜାମିନରେ ଆଣିବା ପରେ ପୁଣି ସେମାନଙ୍କୁ କାମରେ ଲଗାଉଛନ୍ତି। ଏଣୁ ପୁଲିସ ଗିର'ଦାରୀ କେବଳ ଲୋକଦେଖାଣିଆ ହୋଇ ରହିଯାଉଛି। ନିଶା ବେପାର ଓ ବେପାରିଙ୍କୁ ଉପରେ ରୋକ୍ ଲଗାଇବାକୁ ହେଲେ ପୁଲିସକୁ ଦୃଢ଼ତାର ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ବ୍ୟବସାୟୀଙ୍କ ପୋଡା ଘା'ରେ ଲୁଣ ଫିଙ୍ଗୁଛି ବିଦ୍ୟୁତ ବିଭାଗ



ଅସ୍ତରଙ୍ଗ, (ମହାଭାରତ) : ବର୍ତ୍ତମାନ ସାରା ରାଜ୨ୟ ରେ ଗ୍ରୀଷ୍ମର ପ୍ରବାହ ଜାରୀ ରହିଥିବା ବେଳେ ଅସହ୍ୟ ଗୁଳୁଗୁଳି ଜନଜୀବନ କୁ ଅସ୍ତବ୍ୟସ୍ତ କରିଛି, ଏଥିରେ ପୁରୀ ଜିଲ୍ଲା ଉପକୂଳ ଅସ୍ତରଙ୍ଗ ମଧ୍ୟ ବାଦପଡିନି, ଅତ୍ୟନ୍ତ ଗ୍ରୀଷ୍ମପ୍ରବାହରେ ସାଧାରଣ ଲୋଙ୍କ ଶରୀର ପୋଡ଼ିଗଲା ଭଳି ଲାଗୁଥିବା ବେଳେ ବିଦ୍ୟୁତ ବିଭାଗର ଅଘୋଷିତ ବିଦ୍ୟୁତକାଟ ପୋଡା ଘା ରେ ଲୁଣ ଫିଙ୍ଗିବା ଭଳି ପରିସ୍ଥିତି ସୃଷ୍ଟି କରିଛି ବୋଲି ସାଧାରଣ ରେ ଚର୍ଚ୍ଚା ଜୋର ଧରିଛି। ଯେତିକି ଉପଭୋକ୍ତା ମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି ତାହାଠୁ ଉର୍ଦ୍ଧ ଅସ୍ତରଙ୍ଗ ବ୍ୟବସାୟୀ ମାନେ। ପ୍ରତ୍ୟେକ ମାସ ଶେଷରେ ବିଭାଗ ଆସି ବିଜୁଳି ବିଲ୍ ଆଦାୟ କରୁଛି, କୌଣସି କାରଣ ରୁ ଯଦି କିଏ ଗୋଟେ ମାସ ନଦେଇ ପାରୁଛି ସେଠି ଅନେକ ଗାଳିଗୁଲଜ ମଧ କରୁଛନ୍ତି। ବିନା ବିଦ୍ୟୁତ ରେ ବ୍ୟବସାୟ ଅନୁଷ୍ଠାନ ସମ୍ପୂର୍ଣ୍ଣ ମାନ୍ଦାବସ୍ଥା କୁ ଆସିଲାଣି ବୋଲି ସୌମ୍ୟରଞ୍ଜନ ବାରିକ, ହରି ପରିଡା, ଦୁଷ୍ମନ୍ତ ପରିଡା ଙ୍କ ଭଳି ବ୍ୟବସାୟୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି, ମେଡ଼ିସିନ ଷ୍ଟୋର ରେ ଫ୍ରିଜର ଦ୍ରବ୍ୟ ଗ୍ରାହକ କିଣୁନାହାନ୍ତି, ଗ୍ୟାରେଜ ରେ ମେକାନିକାଲ କାର୍ଯ୍ୟ ହେଇ ପାରୁନାହିଁ, ଅନେକ ଛୋଟ ବଡ ବ୍ୟବସାୟ ଅନୁଷ୍ଠାନ ରେ ଦୀର୍ଘ ସମୟ ବିଦ୍ୟୁତ ନଆସିବାରୁ ଗ୍ରାହକ ଅସନ୍ତୋଷ ପ୍ରକାଶ କରି ମଧ୍ୟ ଆସୁନାହାନ୍ତି, ଥଣ୍ଡା ପାନୀୟ ଓ ମୃଦୁ ଜଳ ବ୍ୟବସାୟୀ ଙ୍କ କଥା ଏହି ଗ୍ରୀଷ୍ମ ଗୁଳୁଗୁଳି ରେ କହିଲେ ନସରେ। ନିର୍ଦ୍ଦିଷ୍ଟ ଭାବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟ ରେ ୨୪ ଘଣ୍ଟିଆ ବିଦ୍ୟୁତ ଯୋଗାଣ କୁ ନେଇ ବିଭାଗୀୟ ମନ୍ତ୍ରୀ ଗଣମାଧମ ରେ ପ୍ରତିକ୍ରିୟା ରଖିଛନ୍ତି, ବିଦ୍ୟୁତ ୩୩ କେଭି ମରାମତି ଆଳରେ ୮ ରୁ ୧୦ ଘଣ୍ଟା ଅଘୋଷିତ ବିଦ୍ୟୁତ କାଟ କରି ବର୍ତ୍ତମାନ ସାଧାରଣ ଉପଭୋକ୍ତା ଙ୍କ ଠୁ ଆରମ୍ଭ କରି ବ୍ୟବସାୟୀ ସଙ୍ଘ ପରୋକ୍ଷ ରେ ଆନ୍ଦୋଳନ କୁ ଓଲ୍ହାଇବା ପାଇଁ ଚେତାବନୀ ଦେଇଛନ୍ତି, ପ୍ରତ୍ୟେକ ଦିନ ୧୪ ରୁ ୧୬ ଘଣ୍ଟା ବିଦ୍ୟୁତ କାଟ କରାଯାଉଥିବା ବେଳେ ବାକି ସମୟ ସମ୍ପୂର୍ଣ୍ଣ ଲୋ ଭୋଲଟେଜ ରହୁଛି, ଛାତ୍ରଛାତ୍ରୀ ଙ୍କ ପାଠପଢା, ରୋଗୀ ଙ୍କ ପାଇଁ ଅସହ୍ୟ ଗରମ, ବଜାରର ମାନ୍ଦାବସ୍ଥା ସବୁକିଛି ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ରେ ଜଳିପୋଡି ଯାଉଥିବା ବେଳେ ଏଠି ବିଦ୍ୟୁତବିଭାଗ ସମାଧାନ ନକରି ବରଂ ପୋଡା ଘା ରେ ଲୁଣ ମାରିଲା ଭଳି ପରିସ୍ଥିତି ସୃଷ୍ଟି କରୁଛି ବୋଲି ସ୍ଥାନିୟ ବୁଦ୍ଧିଜୀବୀ ମତପରିପ୍ରକାଶ କରିଛନ୍ତି।। ଏ ନେଇ କାକଟପୁର ଡିଭିଜନ ଯନ୍ତ୍ରୀ ଓ ଅସ୍ତରଙ୍ଗ ଉକୁଳେଇ ଡିଭିଜନ ସହକାରୀ ଯନ୍ତ୍ରୀ ଙ୍କ ପ୍ରତିକ୍ରିୟା ମିଳିନଥିବା ବେଳେ ଉପଭୋକ୍ତା ମହାସଂଘ ଓ ଅସ୍ତରଙ୍ଗ ବ୍ୟବସାୟୀ ମହାସଂଘ ଆନ୍ଦୋଳନ କୁ ଓଲ୍ହାଇବା ସହିତ କାକଟପୁର ଓ ଅସ୍ତରଙ୍ଗ ସମେତ ନିମାପଡା ବିଭାଗୀୟ ଯନ୍ତ୍ରଙ୍କ ବିରୁଦ୍ଧରେ ଆସନ୍ତା ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବେ ବୋଲି ବଜାର କମିଟି ସଭାପତି ଦୁଷ୍ମନ୍ତ ପରିଡା ଗଣମାଧମ କୁ ସୂଚନା ପ୍ରଦାନ କରିଛନ୍ତି ।।

## ବ୍ରାହ୍ମଣଝରିଲୋ ଠାରେ ପହଲଗାମ ଆକ୍ରମଣ ପାଇଁ ସଦଭାବନା ଓ ଶ୍ରଦ୍ଧାଞ୍ଜଳି ସଭା



କଣ୍ଟାପଡ଼ା, (ମହାଭାରତ): କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ଠାରେ ଗତ ୧୧ ତାରିଖ ଦିନ ସନ୍ଧ୍ୟାରେ ସମାଜସେବୀ ଇଂ ସୁଶାନ୍ତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ତାଙ୍କ ବାସଭବନଠାରେ ଏକ ସଦଭାବନା ଓ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଅଛି। ଜମ୍ମୁ ଓ କାଶ୍ମୀରର ପହଲଗାମରେ ଏପ୍ରିଲ ୨୨ତାରିଖରେ ହୋଇଥିବା ଆତଙ୍କବାଦୀଙ୍କ ଗୁଳିରେ ୨୬ ଜଣ ପର୍ଯ୍ୟଟକ ମୃତ୍ୟୁ ଘଟଣାକୁ ନେଇ ଦୃଢ଼ ପ୍ରତିବାଦ କରିବା ସହିତ ଶୋକ ପ୍ରକଟ କରିଥିଲେ । ଏହି ସଭାରେ ଅଂଚଳର ବିଶିଷ୍ଟ ଶିକ୍ଷାବିତ୍, ବୁଦ୍ଧିଜୀବୀ, ସମାଜସେବୀ, ହିନ୍ଦୁ ଓ ମୁସଲମାନ ଭାଇମାନେ ଏକାଠି ହୋଇଥିଲେ କ୍ଷ ଏହି ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ସାରା ଭାରତରେ ଶୋକର ଛାୟା ଖେଳିଯାଇଥିଲା। ପାକିସ୍ତାନର ଏହି ଆତଙ୍କବାଦୀ ଆକ୍ରମଣକୁ ବିଶ୍ୱର ବହୁ ଦେଶ ଦୃଢ଼ ଭାବରେ ନିନ୍ଦା କରିଛନ୍ତି । ପାକିସ୍ତାନର ଏପରି ଆତଙ୍କବାଦୀ ଓ ବର୍ବୋରୋଚିତ କାର୍ଯ୍ୟକୁ ଗତ ୧୧ ତାରିଖ ଦିନ ସଭାରେ ନିନ୍ଦା କରାଯାଇଥିଲା। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ଆତଙ୍କବାଦୀଙ୍କୁ ଦମନ ପାଇଁ ନେଇଥିବା ପଦକ୍ଷେପକୁ ଦୃଢ଼ ସମର୍ଥନ, ଓ ପ୍ରଶଂସା କରିବା ସହିତ ସଭାରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି ଏହାକୁ ସ୍ୱାଗତ କରିଥିଲେ କ୍ଷ ଅପରେସନ ସିନ୍ଦୁର ଅଧୀନରେ ଭାରତୀୟ ସେନା ପାକିସ୍ତାନ ଏବଂ ପି ଓ କେ ରେ ଥିବା ଆତଙ୍କବାଦୀ ସ୍ଥାନ ଉପରେ ଆକ୍ରମଣ କରି ଆତଙ୍କବାଦୀଙ୍କୁ ନିହତ କରିଥିବା ଭାରତୀୟ ସେନାକୁ ଦୃଢ଼ ପ୍ରଶଂସା କରିଥିଲେ। ପହଲଗାମରେ ଘଟିଥିବା ଆକ୍ରମଣରେ ପ୍ରାଣ ହରାଇଥିବା ମୃତ ପର୍ଯ୍ୟଟକ ଓ ଅପରେସନ ସିନ୍ଦୂରରେ ଶହୀଦ ହୋଇଥିବା ଭାରତୀୟ ସୈନିକଙ୍କ ପରିବାରକୁ ମିଳିତ ଭାବରେ ସମବେଦନା ଜଣାଇବା ସହିତ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଭାରେ ଭାରତ ମାତା କି ଜୟ, ଭାରତ ମାତା ଜିନ୍ଦାବାଦ, ପାକିସ୍ତାନ ମୁର୍ଦ୍ଦାବାଦ ବୋଲି ଏକ ସ୍ୱରରେ ହିନ୍ଦୁ ମୁସଲମାନ ଭାଇ ମାନେ ସ୍ଲୋଗାନ ଦେଇଥିଲେ । ଏହି ସଭାରେ ୨୬ଜଣ ପର୍ଯ୍ୟଟକଙ୍କ ମୃତକ ଏବଂ ଅପରେସନ ସିନ୍ଦୂରରେ ରେ ପ୍ରାଣ ହରାଇଥିବା ଭାରତୀୟ ସହିଦ ଯବାନଙ୍କ ଅମର ଆତ୍ମାର ସଦ୍ ଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା ସହିତ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ବୈଠକରେ ସୁରେନ୍ଦ୍ରନାଥ ଛୋଟରାୟ, ଶାହନମାଜ ଖାଁ, ଯୁଧିଷ୍ଠିର ପରିଜା, ବଂଶୀଧର ଭୋଳ, ବରିଷ୍ଠ ସାମ୍ବାଦିକ ସନାତନ ପରିଜା, ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, ପ୍ରଦ୍ୟୁମ୍ନ ପତି,ଚନ୍ଦ୍ରମଣି ପ୍ରଧାନ, କୈଳାଶ ଚନ୍ଦ୍ର ବେହେରା, ବଙ୍ଗାଳି ପରିଜା, ହଂସନାଥ ସାହୁ, ଅଶ୍ୱିନୀ ମହାପାତ୍ର, ଅନୁପ ସାସମଲ, ପ୍ରତାପ ଚନ୍ଦ୍ର ପଣ୍ଡା, ଶେଖ କଲିମୁଦ୍ଦିନ, ସାମ୍ବାଦିକ ଡ଼ଃ.ଭବାନୀ ଶଙ୍କର ପାତ୍ର, କଳ୍ପତରୁ ଖୁଣ୍ଟିଆ, ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନ,ସାମ୍ବାଦିକ ଗୁରୁ ମହାପାତ୍ର, ସାମ୍ବାଦିକ ଧୀରେନ୍ଦ୍ର ସାହୁ, ସୁକାନ୍ତ କୁମାର ବେହେରା, ମହମ୍ମଦ ଗୋଲାମୁଦ୍ଦିନ, ଜାହାଙ୍ଗୀର ଖାଁ, ଶେଖ ଆଲ୍ଲାଉଦ୍ଦିନ ଖାଁ, ତାହିର ଖାଁ,ମହମ୍ମଦ ହେଦାୟତ ଅଲ୍ଲୀ, ତାହିର ଖାଁ, ଶେଖ ଗୁଲାମ ରସୁଲ, ଶେଖ ଆଲ୍ଲାଉଦ୍ଦିନ, ଶୈଳଜାନନ୍ଦ ସାହୁ, ଲକ୍ଷ୍ମୀଧର ମହାପାତ୍ର, କୈଳାଶ ଚନ୍ଦ୍ର ସାହୁ, ଶେଖ ଗୁଲାମ ନବୀ, ଶେଖ ଲିୟାକତ୍, ଶେଖ ବାବୁ, ଶେଖ ଜୁବଲା, ଶେଖ ସୋନୁ, ଶେଖ୍ ହବିବ, ଶେଖ୍ ଇରମାନ,କବିତା ପାତ୍ର, ଅର୍ଚ୍ଚନା ତ୍ରିପାଠୀ, କମଳିନୀ ଜେନା ପ୍ରମୁଖ ୧୦୦ ରୁ ଉର୍ଦ୍ଧ୍ୱ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ଇଂ ଶ୍ରୀ ତ୍ରିପାଠୀ ସମସ୍ତ ଧନ୍ୟବାଦ ଦେଇଥିଲେ ।

## ଦମ୍ପତିଙ୍କୁ ହାଣି ଘରେ କଳା କନା ବୁଲାଇଲେ ଦୃର୍ବୃତ

ରାୟଗଡା, (ମହାଭାରତ) : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ଶିକରପାଇ ଗାଁରେ, ଘରେ ପଶି ଲୁଟି ନେଲେ ସୁନା ଓ ରୁପା ଅଳଙ୍କାର । ସୂଚନା ଅନୁସାରେ ବିଳମ୍ବିତ ରାତିରେ ଏକ ବୋଲେରୋ ରେ ପ୍ରାୟ ୮ ରୁ ୧୦ ଦୃର୍ବୃତ୍ତ କଳା କନା ବୁଲାଇ ସିକରପାଇ ଗାଁର ବ୍ୟବସାୟୀ ଗୋପାଳଚେଟି ଉପେନ୍ଦ୍ରଙ୍କ ଘରେ ମରଣାସ୍ତ୍ର ଧରି ଘରେ ପଶି ଭୁଜାଲିରେ ଆକ୍ରମଣ କରିଥିଲେ। ତାଙ୍କ ସ୍ତ୍ରୀ ପିନ୍ଧିଥିବା ପ୍ରାୟ ୧୫ରୁ୨୦ଭରି ଭରି ସୁନା ଅଳଙ୍କାର ଲକ୍ଷାଧିକ ଟଙ୍କା ର ଟାଣି ନେବାସହିତ ଘରେ ଥିବା ଅତି ପୁରୁଣା ଆଲମାରୀ ଉଠାଇ ନେଇଯାଇଛନ୍ତି। ସେଥିରେ ପ୍ରାୟ ସୁନା ଗହଣା ଥିବା ଜଣାପଡିଛି। ଦୃର୍ବୃତଙ୍କ ଭୁଜାଲି ମାଡ଼ରେ ଗୋପାଳଚେଟି ଉପେନ୍ଦ୍ର ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ ରାୟଗଡ଼ା ଏସଡିପିଓ ଗୌରହରୀ ସାହୁ ଓ କଲ୍ୟାଣସିଂହପୁର ପୋଲିସ ପହଞ୍ଚି ଘଟଣାର ତନାଘନା କରୁଛନ୍ତି। ବର୍ତ୍ତମାନ ସନ୍ଧାନୀ କୁକୁର ଆଣି ଅନୁସନ୍ଧାନ କରୁଛି ପୋଲିସ । ଏଭଳି ଅନେକ ଥର ଶିକରପାଇ ଗାଁରେ ଚୋରି ହୋଇଥିବା ଘଟଣା ହେଇଛି, ହେଲେ ପୋଲିସ ଚୋରକୁ ଧରିବାର ଅସଫଳ ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଦାନଗଦୀ, (ମହାଭାରତ): ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳ୨ୀଜଙ୍ଗା ପଞ୍ଚାୟତର ଦୁର୍ଗାପୁର ଗାଁରେ ଏକ ଦୁଃଖଦ ଅଘଟଣ ଘଟି ଯାଇଛି, ଏହି ଗାଁର ସାଧୁ ସିଧୁ ଙ୍କର ପୁଅ ଜିତେନ୍ ସିଧୁ (୪୬) ବର୍ଷ ଆଜି ଏକ ଗଛରେ ରଶି ଲଗାଇ ଝୁଲି ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ, ଏହା ଦେଖି କଳିଙ୍ଗନଗର ପୋଲିସ କୁ ଖବର ଦେଇଥିଲେ, ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜିତେନ୍ ଙ୍କର ଝୁଲନ୍ତା ଅବସ୍ଥାରେ ଶବ ଉଦ୍ଧାର କରି ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବେଚ୍ଛେଦ ପାଇଁ ପଠାଇ ଥିଲେ, କେଉଁ କାରଣରୁ ଏପରି ହେଲା ତାହା କିଛି ଜଣା ପଡିନ ଥିବା ବେଳେ ପୋଲିସ ଏକ ୟୁଡି କେସ ୧୪ / ୨୫ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି, ଏ ଖବର ରେ ତାଙ୍କ ପରିବାର ଓ ଗାଁ ରେ ଶୋକର ଛାୟା ଖେଳି ଯାଇଛି

## କଳମପୁର ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ

କଳାହାଣ୍ଡି/ଭବାନୀପାଟଣା, (ମହାଭାରତ) : କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୭୮ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୬୦ ଗୋଟି ଓ ସାମୂହିକ ୧୮ ଗୋଟି ରହିଥିବା ବେଳେ ୨୨ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ମୂଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରଯାଇଥିଲା । ଏହି ଶିବିରରେ ଘରଡିହ, ଭତ୍ତା, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମିନତୀ ଲତା ଦାସ, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମୁଜୀବୁନ ନିଶା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଡି ଆର୍ ସି ଏସ୍ ପ୍ରମୋଦ କୁମାର ସାହୁ ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ପିଲା, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ, ବି. ଡି.ଓ., ତହସିଲଦାର, ପି ଆର ଆଇ ସଭ୍ୟଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଦୃଷ୍ଟି ଆଢୁଆଳରେ ପଞ୍ଚୁପାଣ୍ଡବ ପୀଠ

ନୂଆଗାଁ, (ମହାଭାରତ) : ନୂଆଗାଁ ବ୍ଲକ୍ ସଦର ମହକୁମାଠାରୁ ୧୦୦ ମିଟର ଦୂରରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପଞ୍ଚୁପାଣ୍ଡବ ପାହାଡ ଅବସ୍ଥିତ। ବନବାସ କାଳରେ ପଞ୍ଚୁପାଣ୍ଡବ ପାଞ୍ଚ ଭାଇ ଏହି ପାହାଡ଼ରେ ଥିବା ଏକ ପ୍ରଶସ୍ତ ଗୁମ୍ଫାରେ କିଛିକାଳ ଅବସ୍ଥାନ କରିଥିବାରୁ ସେହି ଅନୁସାରେ ଏହି ପାହାଡ଼ର ନାମ ପଞ୍ଚୁପାଣ୍ଡବ ହୋଇଛି। ସମ୍ଭବତଃ ଏହି ପାହାଡ଼ରେ କ୍ରମାନ୍ୱୟରେ ଲାଗି ରହିଥିବା ପାଞ୍ଚଟି ଚୂଳ ମଧ୍ୟ ଅଛି। ବିଭିନ୍ନ ସମୟରେ ଏହି ଯାଗାକୁ ଅନେକ ସାଧୁସନ୍ଥ ମାନେ ଆସି ପୂଜାପାଠ କରିବା ପରେ କିଛି ବର୍ଷ ରହି ତା'ପରେ ଚାଲି ଯାଆନ୍ତି। ଏପରି କି ଏହି ଠାରେ ବର୍ଷ ବର୍ଷ ଧରି ନାମଯଜ୍ଞ ମଧ୍ୟ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆୟୋଜିତ ହୋଇଥାଏ। କିଛି ବର୍ଷ ପୂର୍ବେ ଶାସନ ଗ୍ରାମର ପ୍ରାଥମିକ ଶିକ୍ଷକ ଭଗବାନ ଦାଶ ନାମକ ଜଣେ ବ୍ୟକ୍ତି ନୂଆଗାଁ ଅଞ୍ଚଳର କିଛି ବଦାନ୍ୟ ବ୍ୟକ୍ତିଙ୍କ ଠାରୁ ପଞ୍ଚୁପାଣ୍ଡବ ମନ୍ଦିରର ଉନ୍ନତୀକରଣ ନିମନ୍ତେ ଆର୍ଥିକ ସାହାଯ୍ୟ ସହଯୋଗ ଲୋଡିଥିଲେ ଏବଂ ସେଥିରେ ମଧ୍ୟ ସଫଳତା ଲାଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ଏକ ଭବ୍ୟମଣ୍ଡପ ନିର୍ମାଣ କରିବା ସହ ଯାତ୍ରୀ ରହଣି ପାଇଁ ତିନି ବଖରା ଟାଇଲ ଛପର ପକ୍କାଘର ନିର୍ମାଣ କରିଥିଲେ ଏବଂ ସେହି ଯାଗାରେ କିଛି ବର୍ଷ ହେବ ନିଜେ ଅଷ୍ଟପ୍ରହରୀ ନାମଯଜ୍ଞ କଲେ। ବର୍ତ୍ତମାନ ଏହି ସ୍ଥାନଟି ସମ୍ପୂର୍ଣ୍ଣଭାବେ ଅଣଦେଖା ହୋଇପଡିଛି। ତଥାପି ପ୍ରତିବର୍ଷ ବହୁ ଛାତ୍ରଛାତ୍ରୀ, ସାଧାରଣ ଲୋକ ଏଠାକୁ ବଣଭୋଜି କରିବା ସହ ବିବାହବ୍ରତ ପାଇଁ ଆସିଥାନ୍ତି। ପ୍ରାୟ ସମୟ ବିଭିନ୍ନ ରାଜନୈତିକ ଦଳ ଏହି ଠାରେ ସଭାସମିତି କରୁଥିବା ବେଳେ ଆଜି ପର୍ଯ୍ୟନ୍ତ କେହି ଶୁଦୃଷ୍ଟି ଦେଇ ନଥିବା କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ଏହି ସ୍ଥାନ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ନୟାଗଡ଼ ଜିଲ୍ଲା ର ନୂଆଗାଁ ବ୍ଲକର ରାସ୍ତା ପାର୍ଶ୍ୱରେ ଅବସ୍ଥିତ ହୋଇଥିବାରୁ ବିଭିନ୍ନ ସମୟରେ ଅନେକ ପର୍ଯ୍ୟଟକ ଏହି ବାଟ ଦେଇ ଯାଉଥିବା ବେଳେ ବିଶ୍ରାମ ନେବା ପାଇଁ ଏହା ଉପଯୁକ୍ତ ସ୍ଥାନ ହୋଇଥିବା ଯୋଗୁ ଏକ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ ପୂର୍ତ୍ତବିଭାଗ ଦ୍ୱାରା ୫ ବର୍ଷ ତଳୁ ୨ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ପ୍ରଶାସନିକ ଏବଂ ରାଜନୈତିକ ବୈମାତୃକ ମନୋଭାବ ଯୋଗୁ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ନହୋଇ ପଡ଼ିରହିଥିବା ଜଣାପଡ଼ିଛି। ୨୦୧୬ ଡିସେମ୍ବର ୦୬ ତାରିଖରେ ପୂର୍ବତନ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ପଞ୍ଚାୟତରାଜ୍ ଓ ଆଇନ ବିଭାଗ ମନ୍ତ୍ରୀ ଅରୁଣ କୁମାର ସାହୁ ଙ୍କ ସହ ଅନେକ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଫଳକ ଲଗାଇ ଶୁଭ ଦେଇଯାଇଥିଲେ ଏବଂ ମଝିରେ ମଝିରେ କିଛି ପ୍ରଶାସନିକ ଅଧିକାରୀ ଆସି ପର୍ଯ୍ୟବେକ୍ଷଣ କରି ଚାଲିଯାଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ତାହାର କୌଣସି ଅଗ୍ରଗତି ହୋଇନଥିବା ଯୋଗୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ତେବେ ନୂଆଗାଁ ସଦର ମହକୁମାର ଜାତୀୟ ରାଜପଥ କଡରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପଞ୍ଚୁପାଣ୍ଡବ ପାହାଡ ସ୍ମାରକୀ ପାଲଟିଥିବା ବେଳେ ପର୍ଯ୍ୟଟକଙ୍କ ପାଇଁ ଗୁମ୍ଫା ଗୁଡିକୁ ଆକର୍ଷଣୀୟ କରୁଥିବା ବେଳେ ସେହି ଜାଗାକୁ ଯିବାପାଇଁ ଭଲ ରାସ୍ତା ଓ ପାହାଚ ନଥିବା ଯୋଗୁ ପ୍ରତିବର୍ଷ ବହୁ ପର୍ଯ୍ୟଟକ ଫେରି ଯାଉଥିବା ଦେଖିବାକୁ ମିଳୁଛି। ୭ ବର୍ଷଧରି ଚାଲୁରହିଥିବା ମହୋତ୍ସବକୁ ପଞ୍ଚୁପାଣ୍ଡବ ମହୋତ୍ସବ ନାମରେ ନାମିତ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବହୁ ମନ୍ତ୍ରୀ ଓ ବିଧାୟକ ଯୋଗ ଦେଉଥିବା ବେଳେ କେହି ମଧ୍ୟ ପଞ୍ଚୁପାଣ୍ଡବ ପାହାଡର ରକ୍ଷଣାବେକ୍ଷଣ ପାଇଁ କିପରି ଦୃଷ୍ଟି ଦେଉନାହାନ୍ତି ତା ବଡ଼ ଆଶ୍ଚର୍ଯ୍ୟର ବିଷୟ ପାଲଟିଛି। ଯାହା ଦ୍ୱାରା କି ପଞ୍ଚୁପାଣ୍ଡବ ପୀଠର ବିକାଶ କେବଳ ମହୋତ୍ସବରେ ସୀମିତ ରହିଯାଉଥିବ ଭଳି ମନେ ହେଉଛି। ତେବେ ଦେଖିବାକୁ ବାକି ରହିଲା ପ୍ରଶାସନ ଏହି ଐତିହାସିକ ପର୍ଯ୍ୟଟନସ୍ଥଳୀର ବିକାଶ କରିବା ସଙ୍ଗେ ସଙ୍ଗେ ପର୍ଯ୍ୟଟନ ମାନଙ୍କ ବିଶ୍ରାମ ନେବା ପାଇଁ ମଞ୍ଜୁର ହୋଇଥିବା ଜନ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ କେବେ ଉଚ୍ଚସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କୁ ପଠାଇ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଉଛି ନା କେବଳ ଫଳକ ଲଗାଇ ନିଜର ଅପାରଗତାକୁ ଲୋକଙ୍କ ଆଗରେ ପ୍ରମାଣିତ କରୁଛି।

## ମାନିଲା ପାକିସ୍ତାନ ! ଭାରତର ଆକ୍ରମଣରେ ନିହତ ହୋଇଛନ୍ତି ୧୧ ଯବାନ

ଇସଲାମାବାଦ : ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ୨୨ ଏପ୍ରିଲରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ୬-୭ ମେ' ରାତିରେ ପାକିସ୍ତାନ ବିରୁଦ୍ଧରେ ପ୍ରତିଶୋଧ ନେଇଥିଲା। ଭାରତ ପାକିସ୍ତାନରେ ପ୍ରବେଶ କରି ୯ଟି ଆତଙ୍କବାଦୀ ଆଡ୍ଡାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଥିଲା, ଯେଉଁଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ଭାରତ ଦାବି କରିଥିଲା। ଏହା ପରେ, ପାକିସ୍ତାନ ୭ରୁ ୧୦ ମଇ ମଧ୍ୟରେ ଅନେକ ଥର ଡ୍ରୋନ ଏବଂ ମିଶାଇଲ ସହିତ ଭାରତ ଉପରେ ଆକ୍ରମଣ କରିଥିଲା, ଯାହାର ଭାରତ ମଧ୍ୟ ଉଚିତ ଜବାବ ଦେଇଥିଲା। ଭାରତ ଏହାର କାର୍ଯ୍ୟାନୁଷ୍ଠାନରେ ୧୧ଟି ବାୟୁସେନା ଘାଟି ଧ୍ୱଂସ କରିଥିଲା। ଏବେ ପାକିସ୍ତାନ ସ୍ୱୀକାର କରିଛି ଯେ ଭାରତର ଅପରେଶନ ସିନ୍ଦୂର ଅନ୍ତର୍ଗତ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ, ପାକିସ୍ତାନୀ ସେନାର ୧୧ ଜଣ ସୈନିକ ନିହତ ହୋଇଥିଲେ, ଯେତେବେଳେ ୭୮ ଜଣ ସୈନିକ ଆହତ ହୋଇଥିଲେ। ଏଥିରେ ୫ ଜଣ ବାୟୁସେନା ଅଧିକାରୀ ମଧ୍ୟ ଅନ୍ତର୍ଭୁକ୍ତ। ପାକିସ୍ତାନ ରିପୋର୍ଟ କରିଛି ଯେ ଭାରତର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ, ପାକିସ୍ତାନ ସେନାର ଅବଦୁଲ ରେହମାନ, ଦିଲାୱର ଖାନ, ଇକରାମୁଲ୍ଲା, ଖାଲିଦ, ମହମ୍ମଦ ଆଦିଲ ଆକବର ଏବଂ ନିସାର ନିହତ ହୋଇଛନ୍ତି, ଯେତେବେଳେ ପାକିସ୍ତାନ ବାୟୁସେନାର ସ୍କ୍ୱାଡ୍ରନ ଲିଡର ଉସମାନ ୟୁସୁଫ, ମୁଖ୍ୟ ଟେକ୍ନିସିଆନ ଔରଙ୍ଗଜେବ, ମୁଖ୍ୟ ଟେକ୍ନିସିଆନ ନଜୀବ, କର୍ପୋରାଲ ଟେକ୍ନିସିଆନ ଫାରୁକ ଏବଂ ବରିଷ୍ଠ ଟେକ୍ନିସିଆନ ମୁବାଶିରଙ୍କ ମୃତ୍ୟୁ ହୋଇଛି।

## ଆମେରିକା କାର ଦୁର୍ଘଟଣା ୨ ଭାରତୀୟ ଛାତ୍ର ମୃତ

ନ୍ୟୁୟର୍କ : ଆମେରିକାର ପେନସିଲଭାନିଆରେ ଏକ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି ଯେ ଦୁଇଜଣ ଭାରତୀୟ ଛାତ୍ରଙ୍କ କାର ଗଛ ସହିତ ଧକ୍କା ହୋଇ ପୋଲ ତଳକୁ ଖସି ପଡ଼ିବାରୁ ଏଥିରେ ସେମାନେ ମୃତ୍ୟୁବରଣ କରିଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ଦୁର୍ଘଟଣାରେ ଗାଡ଼ିର ଆଗ ସିଟରେ ଥିବା ଅନ୍ୟ ଜଣେ ଯାତ୍ରୀ ଆହତ ହୋଇଛନ୍ତି ଏବଂ ତାଙ୍କୁ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଛି। ଏହି ଖବର ପାଇବା ପରେ, ନ୍ୟୁୟର୍କରେ ଥିବା ଭାରତୀୟ କନସୁଲେଟ ଜେନେରାଲ ଏହି ଘଟଣାରେ ଶୋକ ପ୍ରକାଶ କରିଛନ୍ତି। ଦୂତାବାସ ପୋଷ୍ଟ କରିଛି, କ୍ଲିଭଲ୍ୟାଣ୍ଡ ଷ୍ଟେଟ ୟୁନିଭରସିଟିର ଦୁଇ ଭାରତୀୟ ଛାତ୍ର ମାନବ ପଟେଲ (୨୦) ଏବଂ ସୌରଭ ପ୍ରଭାକର (୨୩) ଏକ ଦୁର୍ଭାଗ୍ୟଜନକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜାଣିବା ଦୁଃଖଦ। ଏହି କଷ୍ଟକର ସମୟରେ ଆମର ସମବେଦନା ଏବଂ ପ୍ରାର୍ଥନା ସେମାନଙ୍କ ପରିବାର ସହିତ ଅଛି। ସୂଚନାଯୋଗ୍ୟ, କନସୁଲେଟ ପରିବାର ସହିତ ଯୋଗାଯୋଗରେ ଅଛି ଏବଂ ସେମାନଙ୍କୁ ସମସ୍ତ ପ୍ରକାରର ସହାୟତାର ପ୍ରତିଶ୍ରୁତି ଦେଇଛି। ଏକ ରିପୋର୍ଟ ଅନୁସାରେ, ଶନିବାର ସକାଳ ପ୍ରାୟ ୭ଟାରେ ବ୍ରେକନକ ଟାଉନସିପର ପେନସିଲଭାନିଆ ଟର୍ନପାଇକରେ ଏକ ସଡ଼କ ଦୁର୍ଘଟଣାରେ ଯୁବ ଛାତ୍ରମାନଙ୍କର ମୃତ୍ୟୁ ହୋଇଥିଲା। ଲାଙ୍କାଷ୍ଟର କାଉଣ୍ଟି କରୋନରଙ୍କ କାର୍ଯ୍ୟାଳୟ ଏବଂ ପେନସିଲଭାନିଆ ରାଜ୍ୟ ପୋଲିସ ଅନୁସାରେ, ପଟେଲ ଏବଂ ପ୍ରଭାକରଙ୍କ କାର ଏକ ଗଛରେ ପିଟି ହେବା ଏବଂ ପରେ ଏକ ପୋଲ ସହିତ ଧକ୍କା ହେବା ଫଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ଏହା ମଧ୍ୟ କୁହାଯାଇଛି ଯେ ପ୍ରଭାକର ଗାଡ଼ି ଚଳାଉଥିଲେ। ପୋଲିସ କହିଛି ଯେ ଉଭୟଙ୍କ ମୃତ୍ୟୁ ଘଟଣାସ୍ଥଳେ ଅନେକ ଆଘାତ ଯୋଗୁଁ ହୋଇଥିଲା। ଉଭୟଙ୍କ ମୃତ୍ୟୁକୁ ଦୁର୍ଘଟଣାଜନିତ ବୋଲି କୁହାଯାଇଥିଲା।

## ପାକିସ୍ତାନ ଉପରେ ରାଗିଲା ଚାଇନା

ବେଜିଂ/ଇସଲାମାବାଦ : ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପ୍ରତି ଘଟିଥିବା ଯୁଦ୍ଧବିରତି ଚୁକ୍ତିକୁ ନେଇ ଚାଇନା ପାକିସ୍ତାନ ସହ ଅସନ୍ତୁଷ୍ଟ ଥିବା ନେଇ କିଛି ରିପୋର୍ଟରେ ଦାବି କରାଯାଇଛି। ସୂଚନା ଅନୁସାରେ, ଚାଇନା ଏହି ଯୁଦ୍ଧବିରତି ପ୍ରକ୍ରିୟାରେ ନିଜର ଭୂମିକାକୁ ଉପେକ୍ଷା କରାଯାଇଥିବା ଅଭିଯୋଗ କରିଛି। ମେ ୧୦ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ଯୁଦ୍ଧବିରତି ଚୁକ୍ତି ସ୍ଥାପନ ହୋଇଥିଲା, ଯାହା ଚାରି ଦିନର ତୀବ୍ର ସାମରିକ ସଂଘର୍ଷ ପରେ ଆସିଥିଲା। ଏହି ଚୁକ୍ତି ମୁଖ୍ୟତଃ ଭାରତର ଅପରେଶନ ସିନ୍ଦୁର ପରେ ଏକ ଚୁକ୍ତି ମାଧ୍ୟମରେ ହାସଲ ହୋଇଥିଲା, ଯେଉଁଥିରେ ପାକିସ୍ତାନର ୨୧ଟି ଆତଙ୍କବାଦୀ ଶିବିରକୁ ନଷ୍ଟ କରାଯାଇଥିଲା। କିନ୍ତୁ, ଏହି ଯୁଦ୍ଧବିରତି ଘୋଷଣା ହେବାର କିଛି ଘଣ୍ଟା ମଧ୍ୟରେ ପାକିସ୍ତାନ ପକ୍ଷରୁ ଏହାର ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗ ହୋଇଥିଲା। କିଛି ସୂତ୍ର ଅନୁସାରେ, ଚାଇନାର ବୈଦେଶିକ ମନ୍ତ୍ରୀ ୱାଙ୍ଗ ଇ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇଶାକ ଦାର ଓ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ଆଲୋଚନା କରି ଏକ ତୁରନ୍ତ ଯୁଦ୍ଧବିରତି ପାଇଁ ପ୍ରସ୍ତାବ ଦେଇଥିଲେ। ତେବେ, ଯୁଦ୍ଧବିରତି ଘୋଷଣା ପରେ ଚାଇନାର ଭୂମିକାକୁ ପାକିସ୍ତାନ ପ୍ରକାଶ୍ୟରେ ସ୍ୱୀକାର ନ କରିବା ଏବଂ ଆମେରିକାର ମଧ୍ୟସ୍ଥତାକୁ ଅଧିକ ଗୁରୁତ୍ୱ ଦେବା ଚାଇନାକୁ ଅସନ୍ତୁଷ୍ଟ କରିଥିବା କୁହାଯାଉଛି। ଦାବି କରାଯାଇଛି ଯେ ଚାଇନା ପାକିସ୍ତାନକୁ ଏହି ଯୁଦ୍ଧବିରତି ପ୍ରକ୍ରିୟାରେ ନିଜକୁ ବାଦ ଦେଇଥିବାରୁ ତାଗିଦ କରିଛି। ଏହାକୁ ଶାନ୍ତ କରିବା ପାଇଁ ପାକିସ୍ତାନ ଜାଣିଶୁଣି ଯୁଦ୍ଧବିରତି ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ତେବେ, ଏହି ଦାବିଗୁଡିକ ସମ୍ପୂର୍ଣ୍ଣ ଭାବେ ନିଶ୍ଚିତ ହୋଇପାରି ନାହିଁ ଏବଂ ଏହା କେବଳ ଅନୁମାନ ହୋଇପାରେ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ-ପାକିସ୍ତାନ ଯୁଦ୍ଧବିରତିକୁ ନିଜ ପ୍ରଶାସନର ମଧ୍ୟସ୍ଥତା ବୋଲି ଦାବି କରିଛନ୍ତି। ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ଲେଖିଛନ୍ତି ଯେ, ଆମେରିକାର ମଧ୍ୟସ୍ଥତାରେ ଭାରତ ଓ ପାକିସ୍ତାନ ତୁରନ୍ତ ଯୁଦ୍ଧବିରତିରେ ସହମତ ହୋଇଛନ୍ତି। ସେ ଦାବି କରିଛନ୍ତି ଯେ ବାଣିଜ୍ୟକୁ ହାତିଆର କରି ସେ ଏହି ଚୁକ୍ତି ହାସଲ କରିଛନ୍ତି। ତେବେ, ଭାରତ ଏହି ଦାବିକୁ ଖଣ୍ଡନ କରି କହିଛି ଯେ ଯୁଦ୍ଧବିରତି ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ହୋଇଛି ଏବଂ ବାଣିଜ୍ୟ ସମ୍ପର୍କିତ କୌଣସି ଆଲୋଚନା ହୋଇ ନାହିଁ। ଅନ୍ୟପକ୍ଷରେ, ଚାଇନା ପାକିସ୍ତାନର ଏକ ସର୍ବଦା ସାଥୀ ହୋଇଥିବା ବେଳେ, ପାକିସ୍ତାନର ଆମେରିକା ସହ ଯୋଗାଯୋଗ କରିବା ଚାଇନାକୁ ଅସନ୍ତୁଷ୍ଟ କରିଥିବା ଅଭିଯୋଗ ହୋଇଛି। ଟ୍ରମ୍ପଙ୍କ ଘୋଷଣା ପରେ ପାକିସ୍ତାନ କିଛି ଘଣ୍ଟା ପାଇଁ ଯୁଦ୍ଧବିରତି ଉଲ୍ଲଙ୍ଘନ କରି ଭାରତୀୟ ଆକାଶସୀମାରେ ଡ୍ରୋନ ପଠାଇଥିଲା। ଏହା ସହିତ ପାକିସ୍ତାନ ଚୀନ ସହ ଆଲୋଚନାର ଏକ ବିବୃତି ଜାରି କରିଥିଲା, ଯାହା ଚାଇନାର ସମର୍ଥନକୁ ଜୋର ଦେଇଥିଲା। ଅନ୍ୟପକ୍ଷରେ, ଚାଇନାର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ସେ ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ସ୍ଥାୟୀ ଯୁଦ୍ଧବିରତି ପାଇଁ ସହାୟକ ଭୂମିକା ଗ୍ରହଣ କରିବାକୁ ଇଚ୍ଛୁକ। ସେହିପରି, ଚୀନ ପାକିସ୍ତାନକୁ ସାମରିକ ସାମଗ୍ରୀ ଯୋଗାଇ ଦେଇଥିବା ଅଭିଯୋଗକୁ ମଧ୍ୟ ଖଣ୍ଡନ କରିଛି। ଏହି ଘଟଣାକ୍ରମ ଦୁଇ ଦେଶ ମଧ୍ୟରେ ଥିବା ଜଟିଳ ସମ୍ପର୍କ ଏବଂ ଆଞ୍ଚଳିକ ସ୍ଥିତିସ୍ଥାପକତା ଉପରେ ଚାଇନାର ପ୍ରଭାବକୁ ଆଲୋକପାତ କରୁଛି। ଭବିଷ୍ୟତରେ ଏହି ଯୁଦ୍ଧବିରତି କେତେ ସଫଳ ହେବ ଏବଂ ଚୀନ-ପାକିସ୍ତାନ ସମ୍ପର୍କରେ ଏହାର ପ୍ରଭାବ କ'ଣ ହେବ, ତାହା ଦେଖିବାକୁ ବାକି ରହିଛି।

# ରୁଷିଆଠାରୁ କିଣିବ ଅତିରିକ୍ତ ଏସ-୪୦୦ କ୍ଷେପଣାସ୍ତ୍ର



ନୂଆଦିଲ୍ଲୀ : ଭାରତ ନିଜର ବାୟୁ ପ୍ରତିରକ୍ଷା କ୍ଷମତାକୁ ଆହୁରି ମଜବୁତ କରିବା ପାଇଁ ରୁଷିଆଠାରୁ ଅତିରିକ୍ତ ଏସ-୪୦୦ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ କିଣିବାକୁ ଯୋଜନା କରୁଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏହି ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରଣାଳୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରୁଷିଆ ସହ ଆଲୋଚନା ଆରମ୍ଭ ହୋଇଛି। ଏସ-୪୦୦ ଟ୍ରାଇମ୍ଫ ହେଉଛି ରୁଷିଆର ଅତ୍ୟାଧୁନିକ ଲମ୍ବା ଦୂରତା ବାୟୁ ପ୍ରତିରକ୍ଷା କ୍ଷେପଣାସ୍ତ୍ର ପ୍ରଣାଳୀ, ଯାହା ୬୦୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ଶତ୍ରୁ ବିମାନ, ଡ୍ରୋନ୍, କ୍ରୁଜ୍ ମିସାଇଲ ଏବଂ ବାଲିଷ୍ଟିକ୍ ମିସାଇଲକୁ ଚିହ୍ନଟ କରି ସେଗୁଡ଼ିକୁ ୪୦୦ କିଲୋମିଟର ମଧ୍ୟରେ ଧ୍ୱଂସ କରିପାରେ। ଏହା ଭାରତୀୟ ବାୟୁସେନାର ଏକ ପ୍ରମୁଖ ଅସ୍ତ୍ର ଭାବେ କାର୍ଯ୍ୟ କରୁଛି, ଯାହାକୁ ଭାରତରେ "ସୁଦର୍ଶନ ଚକ୍ର" ନାମ ମିଳିଛି। ୨୦୧୮ ରେ ଭାରତ ରୁଷିଆ ସହ ୫.୪୩ ବିଲିୟନ ଡଲାର (ପ୍ରାୟ ୩୫,୦୦୦ କୋଟି ଟଙ୍କା) ମୂଲ୍ୟରେ ପାଞ୍ଚଟି ଏସ-୪୦୦ ସ୍କ୍ୱାଡ୍ରନ୍ କିଣିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲା। ଏହି ଚୁକ୍ତି ଅନୁସାରେ, ତିନୋଟି ସ୍କ୍ୱାଡ୍ରନ୍ ୨୦୨୧ ଡିସେମ୍ବରରୁ ଆରମ୍ଭ ହୋଇ ଭାରତକୁ ହସ୍ତାନ୍ତର ହୋଇଛି, ଯାହା ପଞ୍ଜାବ, ଜାମ୍ମୁ ଓ କାଶ୍ମୀର, ରାଜସ୍ଥାନ ଏବଂ ଗୁଜରାଟରେ ମୁତୟନ କରାଯାଇଛି। ଅବଶିଷ୍ଟ ଦୁଇଟି ସ୍କ୍ୱାଡ୍ରନ୍ ୨୦୨୫ ଶେଷ ବା ୨୦୨୬ ପ୍ରଥମ ତ୍ରୈମାସିକ ସୁଦ୍ଧା ହସ୍ତାନ୍ତର ହେବାର ସମ୍ଭାବନା ରହିଛି। ସୂତ୍ର ଅନୁଯାୟୀ, ବର୍ତ୍ତମାନ ଭାରତ ଅତିରିକ୍ତ ଏସ-୪୦୦ ପ୍ରଣାଳୀ କିଣିବା ପାଇଁ ଆଗ୍ରହୀ, ଯାହା ଦେଶର ପୂର୍ବ ଓ ଦକ୍ଷିଣ ଅଞ୍ଚଳରେ ମୁତୟନ କରାଯାଇପାରେ। ଏହା ଚୀନ ଓ ପାକିସ୍ତାନ ପରି ପଡ଼ୋଶୀ ଦେଶମାନଙ୍କଠାରୁ ଉପୁଜୁଥିବା ବାୟୁ ଆକ୍ରମଣର ବିପଦକୁ ମୁକାବିଲା କରିବାରେ ସହାୟକ ହେବ। ୨୦୧୮ରେ ପ୍ରଥମ ଚୁକ୍ତି ସମୟରେ ଆମେରିକା ଏହାକୁ ବିରୋଧ କରି ଭାରତ ଉପରେ ଉଇଇଞଝଇ ( ଉ କ୍ଟ ଙ୍କ ଭ ଗ୍ମ ର କ୍ସ ସ ଭ ଶ ଇ ଙ୍କ ର କ୍ସ ସ ମ ବ ' ଗ୍ମ ଇ ୟ ଙ୍ଗ ର କ୍ସ ଗ୍ମ ବ କ୍ସ ସ ର ଗ୍ମ ଞଷକ୍ସକ୍ଟଙ୍କଶଷ ଝବଭମଗ୍ମସକ୍ଟଭଗ୍ମ ଇମଗ୍ମ) ଅଧୀନରେ ନିଷେଧାଜ୍ଞା ଲଗାଇବାର ଧମକ ଦେଇଥିଲା। ତଥାପି, ଭାରତର କୂଟନୈତିକ ଦକ୍ଷତା ଓ ଆମେରିକା ସହ ସୁସମ୍ପର୍କ ଯୋଗୁଁ କୌଣସି ନିଷେଧାଜ୍ଞା ଲାଗୁ ହୋଇନଥିଲା। ଅତିରିକ୍ତ ଏସ-୪୦୦ କ୍ରୟ ପାଇଁ ଆଲୋଚନା ମଧ୍ୟ ଆମେରିକା ସମେତ ଅନ୍ୟ ପାଶ୍ଚାତ୍ୟ ଦେଶମାନଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ, କିନ୍ତୁ ଭାରତ ନିଜର ଜାତୀୟ ସୁରକ୍ଷାକୁ ଅଗ୍ରାଧିକାର ଦେଉଛି।

ଅତିରିକ୍ତ ଏସ-୪୦୦ କ୍ରୟ ଏକ ମହଙ୍ଗା ନିଷ୍ପତ୍ତି ହେବ, କାରଣ ଗୋଟିଏ ସ୍କ୍ୱାଡ୍ରନ୍ ?ର ମୂଲ୍ୟ ପ୍ରାୟ ୧ ବିଲିୟନ ଡଲାରରୁ ଅଧିକ। ତଥାପି, ଏହା ଭାରତର ରାଜନୈତିକ ଓ ସାମରିକ ଶକ୍ତିକୁ ବିଶ୍ୱ ମଞ୍ଚରେ ଆହୁରି ସୁଦୃଢ଼ କରିବ। ଏହା ରୁଷିଆ ସହ ଭାରତର ଦୀର୍ଘକାଳୀନ ସାମରିକ ସହଯୋଗକୁ ମଧ୍ୟ ଦୃଢ଼ କରିବ, ଯାହା ଇଉକ୍ରେନ ଯୁଦ୍ଧ ପରେ ରୁଷିଆ ଉପରେ ଲାଗିଥିବା ଆନ୍ତର୍ଜାତୀୟ ନିଷେଧାଜ୍ଞା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ। ଅତିରିକ୍ତ ଏସ-୪୦୦ କ୍ଷେପଣାସ୍ତ୍ର ପ୍ରଣାଳୀ କ୍ରୟ ଭାରତର ବାୟୁ ପ୍ରତିରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବ। ଏହା ଦେଶର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଅଭେଦ୍ୟ କରିବା ସହ ଆଞ୍ଚଳିକ ସ୍ଥିରତା ଓ ଶାନ୍ତି ବଜାୟ ରଖିବାରେ ସହାୟକ ହେବ। ଏହି ପଦକ୍ଷେପ ଭାରତର ସାମରିକ ଆଧୁନିକୀକରଣ ଏବଂ ଆତ୍ମନିର୍ଭରତା ଆଡ଼କୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

## ପହଲଗାମ ଆକ୍ରମଣରେ ସାମିଲ ଥିବା ୩ ଆତଙ୍କୀ ପୋଷ୍ଟର ଜାରି




ନୂଆଦିଲ୍ଲୀ : ପହଲଗାମରେ ଆତଙ୍କବାଦୀ ଆକ୍ରମଣ କରିଥିବା ୩ ପାକିସ୍ତାନୀ ଆତଙ୍କୀଙ୍କ ପୋଷ୍ଟର ଜାରି। ପାକିସ୍ତାନୀ ଆତଙ୍କୀଙ୍କ ପୋଷ୍ଟର ଜାରି କଲା ସୁରକ୍ଷା ଏଜେନ୍ସୀ । ଜମ୍ମୁ କଶ୍ମୀର ସୋପିଆନ ଜିଲ୍ଲାର ବିଭିନ୍ନ ସ୍ଥାନରେ ପୋଷ୍ଟର ଦେଖିବାକୁ ମିଳିଛି । ଆତଙ୍କୀଙ୍କ ସୂଚନା ଦେଲେ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯିବ । ପହଲଗାମ ଆତଙ୍କୀ ହମଲାରେ ସମ୍ପୃକ୍ତ ଆତଙ୍କୀଙ୍କ ପୋଷ୍ଟର ଜାରି ହୋଇଛି । ସୂଚନା ଦେଇଥିବା ଲୋକଙ୍କ ନାଁ ଗୁପ୍ତ ରଖାଯିବ ବୋଲି କୁହାଯାଇଛି । ଖାଲି ସୋପିଆନରେ ନୁହେଁ ପୁଲୱାମା ଜିଲ୍ଲାର ବିଭିନ୍ନ ସ୍ଥାନରେ ବି ପୋଷ୍ଟର ଲାଗିଛି । ତେବେ ଏହି ୩ ଆତଙ୍କୀଙ୍କ ସୂଚନା ଦେଲେ ମିଳିବ ୨୦ ଲକ୍ଷ ଟଙ୍କା । ଆତଙ୍କୀଙ୍କ ସବିଶେଷ ତଥ୍ୟ ଦେଲେ ୨୦ ଲକ୍ଷ ଦେବାକୁ ଘୋଷଣା କରାଯାଇଥିବା ବେଳେ ଖବର ଦେଇଥିବା ବ୍ୟକ୍ତିଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନୀୟ ରହିବ ବୋଲି କୁହାଯାଇଛି। ପହଲଗାମ ଆତଙ୍କୀ ଆକ୍ରମଣର ପ୍ରତିଶୋଧ ନେଇ ଭାରତ ଅପରେସନ ସିନ୍ଦୂର ଜରିଆରେ ପାକିସ୍ତାନର ୯ଟି ଆତଙ୍କୀ ଶିବିରକୁ ଧ୍ୱଂସ କରିଥିଲା । ପାକିସ୍ତାନ ମଧ୍ୟ ଏହାର ଜବାବରେ ଭାରତର ଅନେକ ସହରକୁ ଟାର୍ଗେଟ କରିଥିଲା । କିନ୍ତୁ ଭାରତୀୟ ସେନା ଏହି ଆକ୍ରମଣକୁ ଅସଫଳ କରିବାରେ ସକ୍ଷମ ହୋଇଥିଲା । ଗତ ମାସରେ ପହଲଗାମର ବୈସରନ ଘାଟିରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା । ୧୭ ଜଣ ଆହତ ହୋଇଥିଲେ । ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କୁ ଟାର୍ଗେଟ କରିଥିଲେ । ବୈସରନ ଆକ୍ରମଣରେ ସମ୍ପୃକ୍ତ ଦୁଇ ସ୍ଥାନୀୟ ଆତଙ୍କବାଦୀଙ୍କୁ ଚିହ୍ନଟ କରାଯାଇଛି । ଏହି ଆକ୍ରମଣରେ ଦୁଇ ଜଣ ପାକିସ୍ତାନୀ ଆତଙ୍କବାଦୀ ମଧ୍ୟ ସାମିଲ ଅଛନ୍ତି । ସେମାନଙ୍କ ନାମ ଆଦିଲ ଅହମ୍ମଦ ଠାକୁର ଏବଂ ଆସିଫ ଶେଖ ବୋଲି କୁହାଯାଇଛି । ଏହି ଆତଙ୍କବାଦୀମାନେ ୧୫ ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଇକ-୪୭ ସହିତ ଲଗାତାର ଗୁଳି ଚଳାଇଥିଲେ ।

## ଆଦମପୁର ଏୟାରବେସରେ ପହଞ୍ଚି ଯବାନଙ୍କ ସହିତ କଥାବାର୍ତ୍ତା ହେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ଅପରେସନ ସିନ୍ଦୂରର ସଫଳତା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେନା ଯବାନଙ୍କ ସହିତ ଭେଟିଛନ୍ତି । ପ୍ରଧାନମନ୍ତ୍ରୀ ଆଦମପୁର ଏୟାରବେସରେ ପହଞ୍ଚି ବୀର ସୈନିକମାନଙ୍କୁ ଭେଟିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଆଜି ସକାଳେ ଆଦମପୁର ଏୟାରବେସ୍ ଯାଇଥିଲେ । ବୀର ଯବାନଙ୍କ ସହିତ କଥାବାର୍ତ୍ତା ହୋଇଥିଲେ । ପଞ୍ଜାବ ସ୍ଥିତ ଆଦମପୁର ଏୟାରବେସ୍ ଭାରତୀୟ ବାୟୁସେନାର ମିଗ-୨୯ ଏୟାରବେସ୍ । ଏଠିକାର ସ୍କ୍ୱାର୍ଡନଙ୍କୁ ବ୍ଲାକ୍ ଆର୍ଚର ଭାବେ ଜଣାଯାଏ । ଏହି ଏୟାରବେସ୍ ଉତ୍ତର ସୀମାରେ ଅବସ୍ଥିତି । ପ୍ରଧାନମନ୍ତ୍ରୀ ଏଠାରେ ବାୟୁସେନାର ପାଇଲଟ୍ସ ଏବଂ ଟେକ୍ନିକାଲ ଷ୍ଟାଫ ସହିତ କଥାବାର୍ତ୍ତା ହୋଇଛନ୍ତି । ଗତକାଲି ପ୍ରଧାନମନ୍ତ୍ରୀ ମୋଦି ସୋମବାର ରାତି ୮ଟାରେ ଦେଶକୁ ସମ୍ବୋଧିତ କରିଥିଲେ, ଯେଉଁଥିରେ ସେ ସୈନିକଙ୍କ ବୀରତ୍ୱ ଏବଂ ସାହସକୁ ସଲାମ କରିଥିଲେ। ଏହାସହିତ ପ୍ରଧାନମନ୍ତ୍ରୀ ମୋଦି ବାର୍ତ୍ତା ଦେଇଛନ୍ତି ଯେ, ଯଦି ପାକିସ୍ତାନ ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ବନ୍ଦ ନ କରେ, ତେବେ ତାକୁ ଅଧିକ ପରିଣାମ ଭୋଗିବାକୁ ପଡିବ। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଯଦି ପାକିସ୍ତାନ ସହ କୌଣସି ଆଲୋଚନା ହୁଏ, ତାହା କେବଳ ଆତଙ୍କବାଦ ଉପରେ ହେବ। ଯଦି ପାକିସ୍ତାନ ସହିତ କୌଣସି କଥାବାର୍ତ୍ତା ହୁଏ, ତାହା କେବଳ ପାକ୍ ଅଧିକୃତ କାଶ୍ମୀର, ପିଓକେ ଉପରେ ହେବ ।

## ସମୀକ୍ଷା କଲେ ପ୍ରତିରକ୍ଷା ମନ୍ତ୍ରୀ

ନୂଆଦିଲ୍ଲୀ : ଭାରତ-ପାକିସ୍ତାନ ଅସ୍ତ୍ରବିରତି ପରେ ମଧ୍ୟ ଘନ ଘନ ସମୀକ୍ଷା ବୈଠକ ଜାରି ରହିଛି । ଆଜି ସାଉଥ୍ ବ୍ଲକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ ସିଡିଏସ୍, ସେନା ମୁଖ୍ୟଙ୍କ ସହ ନୌସେନା ମୁଖ୍ୟ ମଧ୍ୟ ଉପସ୍ଥିତ ରହିଥିଲେ । ସୀମାରେ ବର୍ତ୍ତମାନର ସ୍ଥିତିକୁ ନେଇ ସମୀକ୍ଷା କରିଛନ୍ତି ରାଜନାଥ । ସେପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାସଭବନରେ ଭେଟିଛନ୍ତି ଏନଏସଜି ଅଜିତ ଡୋଭାଲ୍ । ଅପରେସନ ସିନ୍ଦୂର ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିବା ସୂଚନା ମିଳିଛି ।

## ଯୁଦ୍ଧ ବିରତି ହେବନାହିଁ କହିଲା ପାକିସ୍ତାନ !

ନୂଆଦିଲ୍ଲୀ : ପାକିସ୍ତାନ ପୁଣି ଥରେ ନିଜର ସ୍ୱର ବଦଳାଇଛି। ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇଶାକ ଦାର କହିଛନ୍ତି ଯେ ଭାରତ ସହ ଚାଲିଥିବା ଯୁଦ୍ଧବିରତି ଇନ୍ଦୁସ ଜଳ ଚୁକ୍ତି (ଆଇଡବ୍ଲୁଟି) ସମସ୍ୟା ସମାଧାନ ନହେଲେ ଟିଷ୍ଠି ପାରିବ ନାହିଁ। ଏକ ଜାତୀୟ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ସେ ଏହା କହିଛନ୍ତି। ଏହି ବୟାନ ସେହି ସମୟରେ ଆସ ୨ିଛି ଯେତେବେଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାକିସ୍ତାନକୁ ଚେତାବନୀ ଦେଇ ସ୍ପଷ୍ଟ କରିଛନ୍ତି ଯେ "ରକ୍ତ ଓ ଜଳ ଏକାଠି ବହିପାରେ ନାହିଁ।" ଗତ ସପ୍ତାହରେ ଭାରତର ଅପରେସନ ସିନ୍ଦୁର ଅଧୀନରେ ପାକିସ୍ତାନର ବିଭିନ୍ନ ସାମରିକ ଅବସ୍ଥାନ ଉପରେ ଆକ୍ରମଣ ପରେ ପାକିସ୍ତାନ ଯୁଦ୍ଧବିରତି ପାଇଁ ଅନୁରୋଧ କରିଥିଲା। ଭାରତ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଏହି ଅପରେସନ ଆରମ୍ଭ କରିଥିଲା, ଯେଉଁଥିରେ ୨୬ ଜଣ ନାଗରିକ, ପ୍ରାୟତଃ ପର୍ଯ୍ୟଟକ, ନିହତ ହୋଇଥିଲେ। ଇନ୍ଦୁସ ଜଳ ଚୁକ୍ତି ଅନୁସାରେ, ପାକିସ୍ତାନ ପଶ୍ଚିମ ନଦୀଗୁଡ଼ିକ ଇନ୍ଦୁସ, ଝେଲମ ଓ ଚେନାବ ଉପରେ ନିୟନ୍ତ୍ରଣ ରଖିଥିବା ବେଳେ ଭାରତ ପୂର୍ବ ନଦୀଗୁଡ଼ିକ ରାଭି, ବିୟାସ ଓ ସତଲୁଜରୁ ୨୦% ଜଳ ବ୍ୟବହାର କରିପାରେ। ଗତ ମାସରେ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିଥିଲା, ଯାହା ପାକିସ୍ତାନର ଜଳ ସମ୍ପଦ ଓ କୃଷି ଉପରେ ପ୍ରଭାବ ପକାଇଛି। ବିଶ୍ୱ ବ୍ୟାଙ୍କର ସଭାପତି ଅଜୟ ବଙ୍ଗା ଗତ ସପ୍ତାହରେ ଭାରତ ଗସ୍ତ ସମୟରେ କହିଛନ୍ତି ଯେ ବିଶ୍ୱ ବ୍ୟାଙ୍କର ଭୂମିକା କେବଳ ସୁବିଧାକାରୀ ଭାବେ ସୀମିତ, ଏବଂ ଏହା ଏହି ବିବାଦର ସମାଧାନ ପାଇଁ ହସ୍ତକ୍ଷେପ କରିବ ନାହିଁ। ଅନ୍ୟପକ୍ଷରେ, ଭାରତର ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଯୁଦ୍ଧବିରତି ସତ୍ତ୍ୱେ ଆଇଡବ୍ଲୁଟି ସ୍ଥଗିତ ଅବସ୍ଥାରେ ରହିବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ବୟାନ ଏହାକୁ ଆହୁରି ଦୃଢ଼ କରିଛି। ଏହି ପରିସ୍ଥିତି ଦୁଇ ଦେଶ ମଧ୍ୟରେ ଚାଲିଥିବା ଆଲୋଚନାରେ ଜଟିଳତା ସୃଷ୍ଟି କରିପାରେ। ଯୁଦ୍ଧବିରତିର ଭବିଷ୍ୟତ ଏବେ ଆଇଡବ୍ଲୁଟି ସମସ୍ୟାର ସମାଧାନ ଉପରେ ନିର୍ଭର କରୁଛି।

# ଜମ୍ମୁ-ରାଜକୋଟରୁ ୮ଟି ଉଡାଣ ବାତିଲ




ନୂଆଦିଲ୍ଲୀ : ଏୟାର ଇଣ୍ଡିଆ-ଇଣ୍ଡିଗୋ ଆଠଟି ସହରକୁ ବିମାନ ଉଡାଣକୁ ବାତିଲ କରିଛି । ସୁରକ୍ଷା ବ୍ୟବସ୍ଥାକୁ ଆଖି ଆଗରେ ରଖି ମେ ୧୩ ତାରିଖ ମଙ୍ଗଳବାର ଦିନ ଏହି ନିଷ୍ପତ୍ତି ନିଆଯାଇଛି । ଏହାରି ମଧ୍ୟରେ ଏୟାର ଇଣ୍ଡିଆ ନୂଆ ଆଡ଼ଭାଇଜରୀ ମଧ୍ୟ ଜାରି କରିଛି । ସୋମବାର ସନ୍ଧ୍ୟାରେ ଏୟାରଲାଇନ୍ସ ସୋସିଆଲ ମିଡିଆରେ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛି । ଏୟାର ଇଣ୍ଡିଆ ଇଣ୍ଡିଗୋ ଜମ୍ମୁ, ଲେହ, ଜୋଧପୁର, ଅମୃତସର, ଭୁଜ, ଜାମନଗର, ଚଣ୍ଡିଗଡ ଏବଂ ରାଜକୋଟର ବିମାନଗୁଡିକୁ ବାତିଲ କରିଛି । ସୋମବାର ଦିନ ଏୟାରଲାଇନ ସୋସିଆଲ ମିଡିଆରେ ପୋଷ୍ଟ କରି କହିଛି ଯେ, ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଉଡାଣ ବ୍ୟବସ୍ଥାକୁ ବାତିଲ କରିଦିଆଯାଇଛି । ସ୍ଥିତି ଉପରେ ନଜର ରଖି ଆମେ ଆପଣଙ୍କୁ ଅପଡେଟ୍ ଦେବୁ । ଏହା ବ୍ୟତୀତ ଏୟାରଲାଇନ ଘଟଣାର କୌଣସି ବିବରଣୀ ପ୍ରକାଶ କରିନାହିଁ । ଯାତ୍ରୀମାନେ ବିମାନର ସ୍ଥିତିକୁ ଯାଞ୍ଚ କରିବା ୧ସହ ସେମାନଙ୍କ ଟଙ୍କା ଫେରସ୍ତ ପାଇବା କିମ୍ବା ପୁଣି ଫ୍ଲାଇଟ ବୁକିଂ ନିମନ୍ତେ ଏୟାରଲାଇନ୍ସ ସହାୟତା ଚ୍ୟାନେଲ ସହିତ ଯୋଗାଯୋଗ କରନ୍ତୁ ବୋଲି ପରାମର୍ଶ ଜାରି କରିଛି । ଅନ୍ୟପଟେ ଯାତ୍ରୀଙ୍କ ଯାତ୍ରାରେ ବାଧାପ୍ରାପ୍ତ ହୋଇଥିବା ଯୋଗୁଁ ଦୁଃଖ ପ୍ରକାଶ କରୁଛି ବୋଲି କହିଛି ଇଣ୍ଡିଗୋ ଏୟାରଲାଇନ୍ସ । ଆହୁରି ମଧ୍ୟ କହିଛି ଯେ, ବିମାନବନ୍ଦରକୁ ଆସିବା ପୂର୍ବରୁ ପ୍ରଥମେ ଆମର ୱେବସାଇଟ କିମ୍ବା ଆପ୍ ମାଧ୍ୟମରେ ଯାଇ ସ୍ଥିତି ଯାଞ୍ଚ କରନ୍ତୁ । ଆପଣଙ୍କର ସହାୟତା ପାଇଁ ପ୍ରସ୍ତୁତ ରହିଛୁ ବୋଲି ମଧ୍ୟ କହିଛନ୍ତି । ପୂର୍ବରୁ ବନ୍ଦ ହୋଇରହିଥିବା ଉତ୍ତର ଓ ପଶ୍ଚିମ ଭାରତର ୩୨ଟି ବିମାନବନ୍ଦରର ବିମାନ ଉଡାଣ ଖୋଲିବା ପାଇଁ ଘୋଷଣା କରାଯାଇଛି । ସୁରକ୍ଷା ବ୍ୟବସ୍ଥାକୁ କଡା କରିବା ପାଇଁ ବିମାନ ଉଡାଣକୁ ବନ୍ଦ କରାଯାଇଥିଲା । ଯାହାକୁ ପୁଣି ମେ ୧୫ ପର୍ଯ୍ୟନ୍ତ ବଢାଇ ଦିଆଯାଇଥିଲା । ଏହାରି ମଧ୍ୟରେ ଭାରତୀୟ ଏୟାର ଡିଫେନ୍ସ ସାମ୍ବା ସେକ୍ଟରରେ ଉଡୁଥିବା ଏକ ପାକିସ୍ତାନୀ ଡ୍ରୋନକୁ ଅଟକାଇଛି । ଯାହା ରାତି ସାରା ଆକାଶରେ ଦେଖିବାକୁ ମିଳିଥିଲା । ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ସେନା ସ୍ପଷ୍ଟ କରିଛନ୍ତି ।ଜମ୍ମୁ-ରାଜକୋଟରୁ ୮ଟି ଉଡାଣ ବାତିଲ, ଏୟାର ଇଣ୍ଡିଆ-ଇଣ୍ଡିଗୋ ଜାରି କଲା ଆଡ଼ଭାଇଜରୀ

ଏୟାର ଇଣ୍ଡିଆ-ଇଣ୍ଡିଗୋ ଆଠଟି ସହରକୁ ବିମାନ ଉଡାଣକୁ ବାତିଲ କରିଛି । ସୁରକ୍ଷା ବ୍ୟବସ୍ଥାକୁ ଆଖି ଆଗରେ ରଖି ମେ ୧୩ ତାରିଖ ମଙ୍ଗଳବାର ଦିନ ଏହି ନିଷ୍ପତ୍ତି ନିଆଯାଇଛି । ଏହାରି ମଧ୍ୟରେ ଏୟାର ଇଣ୍ଡିଆ ନୂଆ ଆଡ଼ଭାଇଜରୀ ମଧ୍ୟ ଜାରି କରିଛି । ସୋମବାର ସନ୍ଧ୍ୟାରେ ଏୟାରଲାଇନ୍ସ ସୋସିଆଲ ମିଡିଆରେ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛି । ଏୟାର ଇଣ୍ଡିଆ ଇଣ୍ଡିଗୋ ଜମ୍ମୁ, ଲେହ, ଜୋଧପୁର, ଅମୃତସର, ଭୁଜ, ଜାମନଗର, ଚଣ୍ଡିଗଡ ଏବଂ ରାଜକୋଟର ବିମାନଗୁଡିକୁ ବାତିଲ କରିଛି । ସୋମବାର ଦିନ ଏୟାରଲାଇନ ସୋସିଆଲ ମିଡିଆରେ ପୋଷ୍ଟ କରି କହିଛି ଯେ, ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଉଡାଣ ବ୍ୟବସ୍ଥାକୁ ବାତିଲ କରିଦିଆଯାଇଛି । ସ୍ଥିତି ଉପରେ ନଜର ରଖି ଆମେ ଆପଣଙ୍କୁ ଅପଡେଟ୍ ଦେବୁ । ଏହା ବ୍ୟତୀତ ଏୟାରଲାଇନ ଘଟଣାର କୌଣସି ବିବରଣୀ ପ୍ରକାଶ କରିନାହିଁ । ଯାତ୍ରୀମାନେ ବିମାନର ସ୍ଥିତିକୁ ଯାଞ୍ଚ କରିବା ସହ ସେମାନଙ୍କ ଟଙ୍କା ଫେରସ୍ତ ପାଇବା କିମ୍ବା ପୁଣି ଫ୍ଲାଇଟ ବୁକିଂ ନିମନ୍ତେ ଏୟାରଲାଇନ୍ସ ସହାୟତା ଚ୍ୟାନେଲ ସହିତ ଯୋଗାଯୋଗ କରନ୍ତୁ ବୋଲି ପରାମର୍ଶ ଜାରି କରିଛି । ଅନ୍ୟପଟେ ଯାତ୍ରୀଙ୍କ ଯାତ୍ରାରେ ବାଧାପ୍ରାପ୍ତ ହୋଇଥିବା ଯୋଗୁଁ ଦୁଃଖ ପ୍ରକାଶ କରୁଛି ବୋଲି କହିଛି ଇଣ୍ଡିଗୋ ଏୟାରଲାଇନ୍ସ । ଆହୁରି ମଧ୍ୟ କହିଛି ଯେ, ବିମାନବନ୍ଦରକୁ ଆସିବା ପୂର୍ବରୁ ପ୍ରଥମେ ଆମର ୱେବସାଇଟ କିମ୍ବା ଆପ୍ ମାଧ୍ୟମରେ ଯାଇ ସ୍ଥିତି ଯାଞ୍ଚ କରନ୍ତୁ । ଆପଣଙ୍କର ସହାୟତା ପାଇଁ ପ୍ରସ୍ତୁତ ରହିଛୁ ବୋଲି ମଧ୍ୟ କହିଛନ୍ତି । ପୂର୍ବରୁ ବନ୍ଦ ହୋଇରହିଥିବା ଉତ୍ତର ଓ ପଶ୍ଚିମ ଭାରତର ୩୨ଟି ବିମାନବନ୍ଦରର ବିମାନ ଉଡାଣ ଖୋଲିବା ପାଇଁ ଘୋଷଣା କରାଯାଇଛି । ସୁରକ୍ଷା ବ୍ୟବସ୍ଥାକୁ କଡା କରିବା ପାଇଁ ବିମାନ ଉଡାଣକୁ ବନ୍ଦ କରାଯାଇଥିଲା । ଯାହାକୁ ପୁଣି ମେ ୧୫ ପର୍ଯ୍ୟନ୍ତ ବଢାଇ ଦିଆଯାଇଥିଲା । ଏହାରି ମଧ୍ୟରେ ଭାରତୀୟ ଏୟାର ଡିଫେନ୍ସ ସାମ୍ବା ସେକ୍ଟରରେ ଉଡୁଥିବା ଏକ ପାକିସ୍ତାନୀ ଡ୍ରୋନକୁ ଅଟକାଇଛି । ଯାହା ରାତି ସାରା ଆକାଶରେ ଦେଖିବାକୁ ମିଳିଥିଲା । ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ସେନା ସ୍ପଷ୍ଟ କରିଛନ୍ତି ।

# ଟିମ ଇଣ୍ଡିଆରେ ଗମ୍ଭୀର ଯୁଗ ?



ନୂଆଦିଲ୍ଲୀ, ୧୩।୫: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଜୁନ ୨୦ରୁ ଆରମ୍ଭ ହେବାକୁ ଯାଉଛି। ଏହି ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ ଦଳକୁ ଏକ ବଡ଼ ଝଟକା ଲାଗିଛି। ରୋହିତ ଶର୍ମା ଏବଂ ବିରାଟ କୋହଲି ହଠାତ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ରୋହିତ ଏବଂ କୋହଲି ଦୀର୍ଘ ସମୟ ଧରି ଟେଷ୍ଟରେ ଖରାପ ଫର୍ମ ସହିତ ସଂଘର୍ଷ କରୁଥିଲେ।ଭାରତ ଘରୋଇ ପରିବେଶରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୦-୩ରେ ସିରିଜ ହାରିଥିଲା ଏବଂ ୨୦୨୪-୨୫ ବିଜିଟିରେ, ଭାରତ ଅଷ୍ଟ୍ରେଲିଆଠାରୁ ୩-୧ରେ ପରାସ୍ତ ହୋଇଥିଲା।

ଭାରତୀୟ ଦଳର ଖରାପ ପ୍ରଦର୍ଶନ ଦେଖି ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ତାଙ୍କର ରଣନୀତି ବଦଳାଇବାକୁ ଚାହୁଁଥିଲେ। ସେ ଚାହାଁନ୍ତି ଯେ ଦଳରେ ନୂଆ ମୁହଁଙ୍କୁ ସୁଯୋଗ ଦିଆଯାଉ। ଏବେ ବିରାଟ-ରୋହିତଙ୍କ ଟେଷ୍ଟ ଅବସର ସମ୍ପର୍କରେ ଏକ ରିପୋର୍ଟ ଆସିଛି, ଯେଉଁଥିରେ ଏହି ଦୁଇ କିମ୍ବଦନ୍ତୀଙ୍କ ଅବସର ପଛରେ ଗମ୍ଭୀରଙ୍କ ହାତ ଥିବା ବିଶ୍ୱାସ କରାଯାଉଛି।

ପ୍ରକୃତରେ, ବିସିସିଆଇର ଏକ ସୂତ୍ର ସମ୍ବାଦ ସଂସ୍ଥା ପିଟିଆଇକୁ କହିଛି ଯେ ଗୌତମ ଗମ୍ଭୀର (ଟିମ ଇଣ୍ଡିଆ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର)ଙ୍କ ଯୁଗ ଏବେ ଆରମ୍ଭ ହେଉଛି। ସେ ସ୍ପଷ୍ଟ ଥିଲେ ଯେ ପରବର୍ତ୍ତୀ ଡବ୍ଲ୍ୟୁଟିସି ଚକ୍ରରେ ଭାରତକୁ ନୂତନ ମୁହଁର ଆବଶ୍ୟକତା ଅଛି।

ସୂଚନାଯୋଗ୍ୟ, ଭାରତୀୟ ଦଳର ପ୍ରଶିକ୍ଷକ ହେବା ପରେ ଗମ୍ଭୀର ସ୍ପଷ୍ଟ କରିଦେଇଥିଲେ ଯେ ସେ ଟିମ ଇଣ୍ଡିଆରେ ଷ୍ଟାର ସଂସ୍କୃତିକୁ ଶେଷ କରିବାକୁ ଚାହାଁନ୍ତି। ସେ ବିଶ୍ୱାସ କରୁଥିଲେ ଯେ ପ୍ରଶଂସକ ଏବଂ ପରିଚାଳନାର ଧ୍ୟାନ ଖେଳାଳିଙ୍କ ରେକର୍ଡ ଅପେକ୍ଷା ଦଳର ବିଜୟ ଉପରେ ରହିବା ଉଚିତ।

ସେହି ସମୟରେ, ବିସିସିଆଇ ସୂତ୍ର ଏହା ମଧ୍ୟ କହିଛି ଯେ ଭାରତୀୟ କ୍ରିକେଟରେ, ଅଧିନାୟକ ସର୍ବଦା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖେଳାଳି ହୋଇଥାନ୍ତି ଯିଏ ପ୍ରଶିକ୍ଷକମାନଙ୍କୁ ପଛରେ ପକାଇ ଦିଅନ୍ତି, ଯଦିଓ ସେମାନଙ୍କର ସମାନ ଶକ୍ତିଶାଳୀ ବ୍ୟକ୍ତିତ୍ୱ ଥାଏ, କିନ୍ତୁ ଗମ୍ଭୀରଙ୍କ କ୍ଷେତ୍ରରେ ଏହା ନୁହେଁ ସେ ଏବେ ଦଳର ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି, ଯିଏ ଦଳକୁ ଏକ ନୂତନ ଦିଗଦର୍ଶନ ଦେବେ।

### ଆଇସିସି ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗ

# ମନ୍ଧାନା ନମ୍ବର ୱାନ୍ ନିକଟତର



ଦୁବାଇ, ୧୩।୫: ଭାରତର ଷ୍ଟାଇଲିସ ଓପନର ସ୍ମୃତି ମନ୍ଧାନା ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ବିଶ୍ୱର ନମ୍ବର-୧ ସ୍ଥାନ ନିକଟତର ହୋଇଛନ୍ତି। ନିକଟରେ ଶ୍ରୀଲଙ୍କାରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତର ସଫଳତାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ସେ ଗୋଟିଏ ସ୍ଥାନ ପଦୋନ୍ନତି ପାଇ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି।

ମନ୍ଧାନା ଏହା ପୂର୍ବରୁ ଗତଥର ୨୦୧୯ରେ ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟର ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ନିକଟରେ ସେ ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିବା ମୋଟ ୫ଟି ଇନିଂସରେ ୨୬୪ରନ ସଂଗ୍ରହ କରି ଟୁର୍ନାମେଣ୍ଟର ଦ୍ୱିତୀୟ ଅଗ୍ରଣୀ ରନ ସ୍କୋରର ବିବେଚିତ ହୋଇଥିଲେ। ଶ୍ରୀଲଙ୍କା ବିପକ୍ଷ ଫାଇନାଲରେ ୧୦୧ ବଲ୍‌ରୁ ୧୧୬ ରନ କରିଥିବା ମନ୍ଧାନା ବର୍ତ୍ତମାନ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଦକ୍ଷିଣ ଆଫ୍ରିକା ଅଧିନାୟିକା ଲାଉରା ଓଭାର୍ଡଟଙ୍କଠାରୁ ୧୧ ରେଟିଂ ପଏଣ୍ଟ ପଛରେ ରହିଛନ୍ତି, ଯିଏକି ତ୍ରିରାଷ୍ଟ୍ରୀୟ ସିରିଜରେ ମାତ୍ର ୮୬ରନ କରିଥିଲେ। ଟୁର୍ନାମେଣ୍ଟରେ ୧୩୯ ରନ କରିଥିବା ଶ୍ରୀଲଙ୍କା ଅଧିନାୟକ ଚାମରୀ ଆଥାପାଥୁଙ୍କର ଟପ୍ ୧୦ରେ ପଦୋନ୍ନତି ଘଟିଛି। ସେ ୨ ସ୍ଥାନ ପଦୋନ୍ନତି ପାଇ ୭ମକୁ ଉନ୍ନୀତ ହୋଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗୁଏଜ୍ (୫ ପଦୋନ୍ନତି ସହ ୧୫ତମ ସ୍ଥାନ) ଓ ଦକ୍ଷିଣ ଆଫ୍ରିକାର କ୍ଲୋ ଟ୍ରାୟନ (୧୮ତମ ସ୍ଥାନରୁ ୯ମ)ଙ୍କ ମଧ୍ୟ ପଦୋନ୍ନତି ଘଟିଛି। ବୋଲର ତାଲିକାରେ ପଦୋନ୍ନତି ପାଇଥିବା ଖେଳାଳିମାନଙ୍କ ମଧ୍ୟରେ ପ୍ଲେୟର ଅଫ୍ ଦି ମ୍ୟାଚ ଭାରତୀୟ ସ୍ପିନର ସ୍ନେହ ରାଣା ରହିଛନ୍ତି। ସେ ୪ ସ୍ଥାନ ଉପରକୁ ଉଠି ୩୪ତମ ସ୍ଥାନରେ ଅଛନ୍ତି। ଇଂଲଣ୍ଡର ସୋଫି ଏକ୍ଲେଷ୍ଟୋନ ନମ୍ବର ୧ ସ୍ଥାନରେ ରହିଛନ୍ତି। ଟପ୍ ୧୦ରେ ଭାରତର ଜଣେ ମାତ୍ର ଖେଳାଳି ଦୀପ୍ତି ଶର୍ମା ୪ର୍ଥ ସ୍ଥାନରେ ଅଛନ୍ତି।

### ଡବ୍ଲ୍ୟୁଟିସି ଫାଇନାଲ

# ୧୫ ଜଣିଆ ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ଦଳ ଘୋଷିତ



ମେଲବୋର୍ନ, ୧୩।୫: ଆସନ୍ତା ଜୁନ୍ ୧୧ରେ ଇଂଲଣ୍ଡର ଲର୍ଡସ୍‌ଠାରେ ୱାଲର୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଖେଳାଯିବ। ଏନେଇ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ପକ୍ଷରୁ ମଙ୍ଗଳବାର ସେମାନଙ୍କ ଦଳ ଘୋଷଣା କରାଯାଇଛି।

ପ୍ୟାଟ୍ କୁମିନ୍ସଙ୍କ ନେତୃତ୍ୱାଧୀନ ୧୫ ଜଣିଆ ଅଷ୍ଟ୍ରେଲିଆ ଦଳରେ ବିସ୍ଫୋରକ ଓପନର ସାମ୍ କନଷ୍ଟାସ୍ ଓ ଆହତ ସମସ୍ୟାରୁ ଫେରିଥିବା ଅଲରାଉଣ୍ଡର କାମରନ ଗ୍ରୀନ୍ ସ୍ଥାନ ପାଇଛନ୍ତି।

ଏହାଛଡ଼ା ଗତ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଖେଳିଥିବା ପ୍ରାୟ ଖେଳାଳି ସ୍ଥାନ ବଜାୟ ରଖିଛନ୍ତି ଗ୍ରୀନ୍ ବ୍ୟାକ୍ ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଗତବର୍ଷ ଏଥିଲାଗି ତାଙ୍କୁ ସର୍ଜରୀର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସ୍ପିନର ମ୍ୟାଟ କୁହ୍ନେମ୍ୟାନଙ୍କୁ ରେଗୁଲାର ସ୍ପିନର ନାଥନ ଲାୟନଙ୍କ ବ୍ୟାକଅପ ଭାବେ ଏବଂ ବ୍ରେଣ୍ଡନ ଡଗେଟଙ୍କୁ ଟ୍ରାଭେଲିଂ ରିଜର୍ଭ ଭାବେ ଦଳରେ ସାମିଲ କରାଯାଇଛି।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଦଳରେ ଲୁଙ୍ଗି ଏନ୍‌ଗିଡି, କାଗିସୋ ରାବାଡା ଓ ଅଲରାଉଣ୍ଡର କର୍ବିନ ବୋଷ୍ଟ ସ୍ଥାନ ପାଇଛନ୍ତି। ଦକ୍ଷିଣ ଆଫିକ୍ରା ଡବ୍ଲ୍ୟୁଟିସି ଫାଇନାଲ ପୂର୍ବରୁ ଜୁନ ୩ରୁ ୬ ପର୍ଯ୍ୟନ୍ତ ଜିମ୍ବାୱେ ବିପକ୍ଷରେ ଏକ ୱାର୍ମଅପ ମ୍ୟାଚ୍ ଖେଳିବ। ହେଲେ ଆଇପିଏଲରେ ଭାଗ ନେବାକୁ ଯାଉଥିବା ୮ ଖେଳାଳି ଯଥା ଏନ୍‌ଗିଡି, ବୋଷ୍ଟ, ରାବାଡା, ମାର୍କୋ ଜାନସେନ, ଏଡେନ ମାରକ୍ରାମ, ୱିଆନ ମୁଲ୍ଡର, ଟ୍ରିଷ୍ଟାନ ଷ୍ଟବ୍ସ ଓ ରିୟାନ ରିକଲଟନ ଏଥିଲାଗି ଉପଲବ୍ଧ ରହିବେ ନାହିଁ।

ଅଷ୍ଟ୍ରେଲିଆ ଦଳ: ପ୍ୟାଟ କୁମିନ୍ସ (ଅଧିନାୟକ), ସ୍କଟ ବୋଲାଣ୍ଡ, ଆଲେକ୍ସ କ୍ୟାରି, କ୍ୟାମରନ ଗ୍ରୀନ, ଜୋଶ ହାଜେଲଉଡ, ଟ୍ରାଭିସ ହେଡ୍, ଜୋଶ ଇଙ୍ଗଲିସ, ଉସମାନ ଖ୍ୱାଜା, ସାମ କନଷ୍ଟାସ, ମ୍ୟାଟ କୁହ୍ନେମ୍ୟାନ, ମାର୍ନସ ଲାବୁସେନ, ନାଥନ ଲାୟନ, ଷ୍ଟିଭ ସ୍ମିଥ୍, ମିଚେଲ ଷ୍ଟାର୍କ, ବେଉ ୱେବଷ୍ଟର ଟ୍ରାଭେଲିଂ ରିଜର୍ଭ: ବ୍ରେଣ୍ଡନ ଡଗେଟ।

ଦକ୍ଷିଣ ଆଫ୍ରିକା ଦଳ: ଟେମ୍ବା ବଭୁମା (ଅଧିନାୟକ), ଡେଭିଡ ବେଡିଂହାମ, କର୍ବିନ ବୋଷ୍ଟ, ଟୋନି ଡି ଜର୍ଜି, ମାର୍କୋ ଜାନସେନ, କେଶଭ ମହାରାଜ, ଏଡେନ ମାରକ୍ରାମ, ୱିଆନ ମୁଲ୍ଡର, ସେନୁରାନ ମୁଥୁସାମୀ, ଲୁଙ୍ଗି ଏନ୍‌ଗିଡି, ଡେନ ପାଟରସନ, କାଗିସୋ ରାବାଡା, ରିୟାନ ରିକଲଟନ, ଟ୍ରିଷ୍ଟାନ ଷ୍ଟବ୍ସ, କାଇଲ ଭେରେନେ।

## ଫେରିବେ ବିଦେଶୀ ଖେଳାଳି

ନୂଆଦିଲ୍ଲୀ, ୧୩।୫: ଆସନ୍ତା ୧୭ ତାରିଖରୁ ପୁଣି ଆରମ୍ଭ ହେବ। ଆଇପିଏଲ୍ ବିଦେଶୀ ଖେଳାଳିଙ୍କ ଉପଲବ୍ଧତା ଲାଗି ବିସିସିଆଇ ଓ ଆଇପିଏଲ୍ ଫ୍ରାଞ୍ଚାଇଜ ପକ୍ଷରୁ ବିଦେଶୀ ବୋର୍ଡ ଉପରେ ଚାପ ପକାଯାଉଛି। ବିସିସିଆଇ ପକ୍ଷରୁ ଆଇପିଏଲ୍ ସିଓଓ ହେମଙ୍ଗ ଆମିନଙ୍କୁ ବ୍ୟକ୍ତିଗତ ଭାବେ କ୍ରିକେଟ ଅଷ୍ଟ୍ରେଲିଆ(ସିଏ) ଏବଂ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ସହ କଥା ହେବାକୁ କୁହାଯାଇଛି।

ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ସୁରକ୍ଷା ଅନୁମତି ମିଳିବା ପରେ ବିସିସିଆଇ ପକ୍ଷରୁ ଆଇପିଏଲ୍‌ର ପରିବର୍ତ୍ତିତ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏଥିଯୋଗୁ ସମସ୍ତ ୧୦ ଦଳ ସେମାନଙ୍କ ଖେଳାଳିଙ୍କୁ ଏକତ୍ରିତ କରାଇବାକୁ ଉଦ୍ୟମ ଚଳାଇଛନ୍ତି। ବିଶ୍ୱର ସର୍ବବୃହତ ଟି୨୦ ଲିଗ୍‌କୁ ଗତ ୯ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ସାମରିକ ବିବାଦ କାରଣରୁ ସ୍ଥଗିତ ରଖାଯାଇଥିଲା।ସ୍ଥଗିତ ହେବାର ଦିନକ ପରେ ଦୁଇ ଦେଶ ମଧ୍ୟରେ ସିଜଫାୟାର ଘୋଷଣା ହୋଇଥିଲା ପରେ ଆଇପିଏଲ୍ ପୁନଃ ଆରମ୍ଭ ଲାଗି ବାଟ ଫିଟିଥିଲା।

# ବୃନ୍ଦାବନରେ ବିରାଟ-ଅନୁଷ୍କା



ବୃନ୍ଦାବନ, ୧୩।୫(ଏଜେନ୍ସି): ଟିମ୍ ଇଣ୍ଡିଆର ଷ୍ଟାର କ୍ରିକେଟର ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ନେବାର ଦିନକ ପରେ ମଙ୍ଗଳବାର ବୃନ୍ଦାବନରେ ପହଞ୍ଚିଛନ୍ତି। ସ୍ତ୍ରୀ ଅନୁଷ୍କାଙ୍କ ସହିତ ବିରାଟ ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରୟ ସ୍ଥଳରେ ପହଞ୍ଚି ତାଙ୍କୁ ସାକ୍ଷାତ କରିଛନ୍ତି। ଏହାର ଭିଡିଓ ଏବଂ ଫଟୋ ବର୍ତ୍ତମାନ ଭାଇରାଲ ହେଉଛି। ସୂଚନା ଯୋଗ୍ୟ, କିଛି ଦିନ ପୂର୍ବରୁ କୋହଲି ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମ ପରିଦର୍ଶନ କରିଥିଲେ ଏବଂ ସେଠାରୁ ଆଶୀର୍ବାଦ ନେବା ପରେ, କୋହଲି ଚାମ୍ପିୟନ୍ସ ଟ୍ରଫିରେ ଚମତ୍କାର ବ୍ୟାଟିଂ କରି ଭାରତକୁ ବିଜୟୀ କରାଇଥିଲେ। ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ କୋହଲି ଶତକ ମାରିଥିଲେ। ଏବେ ପୁଣି ଥରେ କୋହଲି ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମରେ ପହଞ୍ଚିଛନ୍ତି। ଏଥର ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ କୋହଲି ଏବଂ ତାଙ୍କ ସ୍ତ୍ରୀ ପ୍ରେମାନନ୍ଦ ମହାରାଜଙ୍କୁ ଭେଟି ଆଶୀର୍ବାଦ ନେଇଛନ୍ତି।

କିଙ୍ଗ କୋହଲି ସୋମବାର ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ବିରାଟ ଟେଷ୍ଟ ଜର୍ସି ପିନ୍ଧିଥିବା ଏକ ଫଟୋ ଶେୟାର କରି ଲେଖିଥିଲେ, ସତ କହିବାକୁ ଗଲେ, ଏହି ଫର୍ମାଟ ମୋତେ ଏତେ ଦୂରକୁ ନେଇଯିବ ତାହା ମୁଁ କେବେ କଳ୍ପନା କରି ନ ଥିଲି ଏହା ମୋର ପରୀକ୍ଷା ନେଇଛି, ମୋତେ ଗଠନ କରିଛି ଏବଂ ମୋତେ ଏପରି ଶିକ୍ଷା ଦେଇଛି ଯାହାକୁ ମୁଁ ଜୀବନ ସାରା ବହନ କରିବି। କୋହଲି ଆହୁରି ଲେଖିଥିଲେ, ହ୍ୱାଇଟ ଜର୍ସି ପିନ୍ଧି ଖେଳିବା ଏକ ବ୍ୟକ୍ତିଗତ ଅଭିଜ୍ଞତା ନୀରବ କଠିନ ପରିଶ୍ରମ, ଲମ୍ବା ଦିନ, ଛୋଟ ଛୋଟ ମୁହୂର୍ତ୍ତକୁ କେହି ଦେଖନ୍ତି ନାହିଁ କିନ୍ତୁ ଏହା ସବୁଦିନ ପାଇଁ ଆପଣଙ୍କ ସହିତ ରହିଥାଏ।

# ଆଇପିଏଲ୍ ପାଇଁ ଆନ୍ତର୍ଜାତୀୟ କ୍ରିକେଟ କ୍ୟାଲେଣ୍ଡରର ସମସ୍ୟା

ନୂଆଦିଲ୍ଲୀ, ୧୩।୫: ଭାରତୀୟ କ୍ରିକେଟ୍ ବୋର୍ଡ(ବିସିସିଆଇ) ସୋମବାର ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ୨୦୨୫ ପୁଣି ଥରେ ଆରମ୍ଭ କରିବାକୁ ଘୋଷଣା କରିଛି ଚଳିତ ସଂସ୍କରଣରେ ଆଉ ୧୭ଟି ମ୍ୟାଚ୍ ବାକି ରହିଛି ମେ ୧୭ରୁ ପୁଣି ଆରମ୍ଭ ହେଉଥିବା ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚ୍ ୬ଟି ସହରରେ ଖେଳାଯିବ ଫାଇନାଲ୍ ମ୍ୟାଚ୍ ଜୁନ ୩ରେ ଆୟୋଜିତ ହେବ ତେବେ ପାକିସ୍ତାନ ସହ ଉତ୍ତେଜନା କାରଣରୁ ଗୋଟିଏ ସପ୍ତାହ ଆଇପିଏଲ୍ ସ୍ଥଗିତ ହେବାରୁ ଫ୍ରାଞ୍ଚାଇଜଙ୍କୁ କ୍ଷତି ସହିବାକୁ ପଡ଼ିବ।



ସଂଶୋଧିତ କାର୍ଯ୍ୟସୂଚୀ ଅନୁସାରେ ଆଇପିଏଲ୍ ୨୦୨୫ ଜୁନ ୩ ତାରିଖରେ ସରିବ। ଅନ୍ୟପଟେ ମେ ଶେଷ ଆଡ଼କୁ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାଲେଣ୍ଡର ପୁଣି ଆରମ୍ଭ ହେବାକୁ ଯାଉଛି। ତେଣୁ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚ୍‌ରେ ବିଦେଶୀ ଖେଳାଳିଙ୍କ ଖେଳିବା ନେଇ ଆଶଙ୍କା ଦେଖା ଦେଇଛି।ମେ ୧୭ ତାରିଖରେ ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ମେ ଶେଷ ଆଡ଼କୁ ପୁଣି ଥରେ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାଲେଣ୍ଡର ସକ୍ରିୟ ହେବ ଏବଂ ଦଳଗୁଡ଼ିକ ପ୍ରସ୍ତୁତିରେ ଜୁଟିଯିବେ ମେ ୨୯ରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ସିରିଜ୍ ଆରମ୍ଭ ହେବ। ଏହାର ବଡ଼ ପ୍ରଭାବ ଆଇପିଏଲ୍ ଉପରେ ପଡ଼ିବ। କାରଣ ୱେଷ୍ଟଇଣ୍ଡିଜର ଖେଳାଳି ରୋମାରିଓ ସେଫର୍ଡ(ଆରସିବି), ସମର ଯୋଶେଫ(ଏଲଏସଜି), ଶେରଫେନ ରଦରଫୋର୍ଡ(ଜିଟି) ପାଇଁ ଖେଳିବା ମୁସ୍କିଲ ହୋଇପାରେ।

ଅନ୍ୟପଟେ ଜୋସ ବଟଲର(ଜିଟି), ଫିଲ ସଲ୍ଟ(ଆରସିବି), ଜ୍ୟାକବ ବେଥଲ(ଆରସିବି), ଲିୟାମ ଲିଭିଙ୍ଗଷ୍ଟୋନ(ଆରସିବି), ୱିଲ ଜ୍ୟାକ୍ସ(ଏମଆଇ) ଓ ରିସ ଟପଲି(ଏମଆଇ) ମଧ୍ୟ ଅନ୍ତର୍ଜାତୀୟ ମ୍ୟାଚ୍ କାରଣରୁ ଆଇପିଏଲ୍ ଛାଡ଼ିବାକୁ ବାଧ ହେବେ। ପୁଣି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ୍ ମ୍ୟାଚ୍ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଜୁନ ୧୧ରେ ଲର୍ଡସରେ ଖେଳାଯିବ ତେଣୁ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ଆଇପିଏଲର ବାକି ମ୍ୟାଚ୍ ଖେଳିବା ନେଇ ସଂଶୟ ଦେଖା ଦେଇଛି।

ଫଳରେ ମିଚେଲ୍ ଷ୍ଟାର୍କ(ଡିସି), ଟ୍ରିଷ୍ଟନ ଷ୍ଟବ୍ସ(ଡିସି), ଜୋଶ ହେଜେଲଉଡ(ଆରସିବି), ମାର୍କୋ ଜନସେନ ଓ ଜୋଶ ଇଙ୍ଗ୍ଲିଶ(ପଞ୍ଜାବ କିଙ୍ଗ୍ସ), ଆଡନ ମାରକ୍ରମ(ଏଲଏସଜି), କାଗିସୋ ରାବଡ଼ା(ଜିଟି) ଓ ରିୟାନ ରିକଲଟନ(ଏମଆଇ)ଙ୍କ ପରି ବଡ଼ ଖେଳାଳି ଆଇପିଏଲ୍‌ରେ ନିଜ ଦଳରେ ଯୋଗ ଦେବା ମୁସ୍କିଲ ଲାଗୁଛି।

## ଫୁଟ୍‌ବଲ୍ ଓ ହକି ଫାଇନାଲ୍‌ରେ ଓଡ଼ିଶା

ନୂଆଦିଲ୍ଲୀ: ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଓଡ଼ିଶା ବାଳକ ଫୁଟ୍‌ବଲ୍ ଏବଂ ବାଳିକା ହକି ଦଳ ଫାଇନାଲ୍‌ରେ ପହଞ୍ଚି ପଦକ ନିଶ୍ଚିତ କରିଛି।ସୋମବାର ଫୁଟ୍‌ବଲ୍‌ରେ ଓଡ଼ିଶା ୫-୧ ଗୋଲ୍‌ରେ ମିଜୋରାମକୁ ହରାଇ ଏହି ସ୍ଥାନ ପକ୍କା କରିଥିଲା ଓଡ଼ିଶା ପକ୍ଷରୁ ଭେଙ୍କଟେଶ୍ୱର ଓରାମ (୫୯, ୮୨ ମିନିଟ୍) ଦୁଇଟି ଏବଂ ରୋନିକ ମାଝୀ (୨୭ ମିନିଟ୍), ଅବିନାଶ କିଶାନ (୩୩ ମିନିଟ୍), ସାଙ୍କୋଶେଖର ହେମ୍ବ୍ରମ (୪୩ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ ଓଡ଼ିଶା ସ୍ୱର୍ଣ୍ଣ ପଦକ ଲଢ଼େଇରେ ଝାଡ଼ଖଣ୍ଡକୁ ଭେଟିବ । ଝାଡ଼ଖଣ୍ଡ ୨-୧ ଗୋଲ୍‌ରେ ମେଘାଳୟକୁ ପରାସ୍ତ କରିଛି। ବାଳିକା ହକି ସେମିଫାଇନାଲ୍‌ରେ ଓଡ଼ିଶା ୨-୧ ଗୋଲ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ଓଡ଼ିଶା ପକ୍ଷରୁ ଚଞ୍ଚଲ ଯାଦବ (୭ ମିନିଟ୍) ଓ ଟିଙ୍କିଆ ହିରବାର (୨୪ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

# ପ୍ରଥମ ବଲରୁ ଆରମ୍ଭ ହେବ ପଞ୍ଜାବ-ଦିଲ୍ଲୀ ମ୍ୟାଚ୍

ନୂଆଦିଲ୍ଲୀ, ୧୩।୫: ୨୦୨୫ ସ୍ଥଗିତ ହେବା ପୂର୍ବରୁ, ଧର୍ମଶାଳାରେ ଖେଳାଯାଉଥିବା ପଞ୍ଜାବ କିଙ୍ଗସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ ବନ୍ଦ କରିଦିଆଯାଇଥିଲା। ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ ପ୍ରଥମେ ବ୍ୟାଟିଂ କରୁଥିଲା ଏବଂ ଯେତେବେଳେ ମ୍ୟାଚ ବନ୍ଦ ହୋଇଥିଲା, ସେମାନଙ୍କର ସ୍କୋର ୧୦.୧ ଓଭରରେ ୧୨୨ ରନ ଥିଲା ଯଦି ପଞ୍ଜାବ ଏହି ମ୍ୟାଚ ଜିତିଥାନ୍ତା, ତେବେ ଏହା ପ୍ଲେଅଫରେ ନିଜର ସ୍ଥାନ ସୁରକ୍ଷିତ କରିବାରେ ପ୍ରଥମ ଦଳ ହୋଇଥାନ୍ତା। ଏବେ ଯେତେବେଳେ ବିସିସିଆଇ ନୂତନ କାର୍ଯ୍ୟସୂଚୀ ଘୋଷଣା କରିଛି, ଶ୍ରେୟସ ଆୟର ଏବଂ ଦଳକୁ ଏକ ବଡ଼ ଝଟକା ଲାଗିଛି।



ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ପଞ୍ଜାବ କିଙ୍ଗ୍ସ ଚଳିତ ବର୍ଷ ଚମତ୍କାର ପ୍ରଦର୍ଶନ କରୁଛି। ଦଳ ୧୧ଟି ମ୍ୟାଚ ଖେଳିଛି, ଏଥିରୁ ୭ଟିରେ ବିଜୟୀ ହୋଇଛି ଏବଂ ୩ଟିରେ ପରାସ୍ତ ହୋଇଛି, ଗୋଟିଏ ମ୍ୟାଚ ଫଳାଫଳ ଆସିନାହିଁ।ପଞ୍ଜାବ ୧୫ ପଏଣ୍ଟ ସହିତ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନରେ ଅଛି ଅକ୍ଷର ପଟେଲଙ୍କ ଅଧିନାୟକତ୍ୱରେ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ପ୍ଲେଅଫ ଦୌଡ଼ରେ ରହିଛି।ପ୍ରଶଂସକଙ୍କ ମନରେ ପ୍ରଶ୍ନ ଥିଲା ଯେ, ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ ଯେଉଁଠାରୁ ବନ୍ଦ ହୋଇଥିଲା। ସେହିଠାରୁ ଆରମ୍ଭ ହେବ ନା ଏହାକୁ ପୁଣି ଥରେ ଆରମ୍ଭ କରାଯିବ। ବିସିସିଆଇ ନୂତନ କାର୍ଯ୍ୟସୂଚୀ ଘୋଷଣା କରିଛି, ଏହି ମ୍ୟାଚ ମଧ୍ୟ ଏଥିରେ ସାମିଲ ଅଛି। ଏହି ମ୍ୟାଚ ପ୍ରଥମ ବଲରୁ ଆରମ୍ଭ ହେବ, ଅର୍ଥାତ୍ ଏହା ପୁଣି ଥରେ ଖେଳାଯିବ। ୨୦୨୫ର ବାକି ମ୍ୟାଚ ମେ ୧୭ରୁ ଆରମ୍ଭ ହେଉଛି। ପ୍ରଥମ ମ୍ୟାଚ ହେବ। ଏହା ବେଙ୍ଗାଲୁରୁରେ ଖେଳାଯିବ। ଲିଗ ପର୍ଯ୍ୟାୟର ୧୩ଟି ମ୍ୟାଚ ୬ଟି ସ୍ଥାନରେ ଅନୁଷ୍ଠିତ ହେବ ଏବଂ ଏଥିରେ ୨ଟି ଡବଲ ହେଡର ରହିବ।

# ପିଏସ୍‌ଏଲ୍ ଆରମ୍ଭ ଲାଗି ପିସିବିର ବଡ଼ ଯୋଜନା

କରାଚୀ, ୧୩।୫: ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସସ୍‌ପେଣ୍ଡ ହୋଇଥିବା ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ)ର ପୁନଃ ଆରମ୍ଭ ପାଇଁ ଯୋଜନା କରୁଛି। ଏପରି କ ବିଭିନ୍ନ ଦଳ ତରଫରୁ ଖେଳୁଥିବା ବିଦେଶୀ ଖେଳାଳିମାନେ ପ୍ରତ୍ୟାବର୍ତ୍ତନ ନ କଲେ ମଧ୍ୟ ଚଳିତମାସ ପରବର୍ତ୍ତୀ ଭାଗରେ ଏକ ଟି୨୦ ସିରିଜ ଖେଳିବା ଲାଗି ବାଂଲାଦେଶ ଆସିବା ପୂର୍ବରୁ ଟୁର୍ନାମେଣ୍ଟର ଅବଶିଷ୍ଟାଂଶ ଶେଷ କରିବା ଲାଗି ବିଚାର କରୁଛି। ଭାରତ ସହିତ ଅସ୍ତ୍ରବିରତି ଚୁକ୍ତି ପରେ ପିସିବି ସୂତ୍ରରୁ ମିଳିଥିବା ଏକ ଖବର ଅନୁସାରେ ପିସିବି ମେ ୧୬ ସୁଦ୍ଧା ପିଏସ୍‌ଏଲ୍ ଆରମ୍ଭ କରିବା ଲାଗି ଯୋଜନା କରୁଛି। ପିଏସ୍‌ଏଲ୍‌ର ଫାଇନାଲ ସହ ଆହୁରି ୮ଟି ମ୍ୟାଚ ବାକି ରହିଛି। ପିସିବିର ଜଣେ ଅଫିସିଆଲ କହିଛନ୍ତି କେତେଜଣ ବିଦେଶୀ ଖେଳାଳି ଏବେ ସୁଦ୍ଧା ଦୁବାଇରେ ଥିବାବେଳେ ଅନ୍ୟ କେତେଜଣ ସ୍ୱଦେଶ ଫେରିଯାଇଛନ୍ତି। ପିସିବିର ଜଣେ ଅଫିସିଆଲ କହିଛନ୍ତି, ଅବଶିଷ୍ଟ ମ୍ୟାଚଗୁଡ଼ିକ ଲାଗି ଫ୍ରାଞ୍ଚାଇଜଗୁଡ଼ିକୁ ସେମାନଙ୍କ ବିଦେଶୀ ଖେଳାଳିଙ୍କୁ ଫେରାଇ ଆଣିବାର ବ୍ୟବସ୍ଥା କରିବା ପାଇଁ କୁହାଯାଇଛି ତେବେ ସେମାନଙ୍କ ଆସିବାନିଷ୍ପତ୍ତି ସେମାନଙ୍କ ବୋର୍ଡ ଏବଂ ବ୍ୟକ୍ତିଗତ ଇଚ୍ଛା ଉପରେ ନିର୍ଭର କରେ। ପିସିବି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ସହିତ ଯୋଗାଯୋଗରେ ରହିଛି ସେମାନେ ଭାରତ-ପାକିସ୍ତାନ ବିବାଦର ସାଂପ୍ରତିକ ସ୍ଥିତି ଉପରେ ନଜର ରଖିଛନ୍ତି ବାଂଲାଦେଶ ଏହାର ମ୍ୟାଚଗୁଡ଼ିକ ରାଓ୍ୱଲପିଣ୍ଡି, ଫୈସଲାବାଦ ଓ ଲାହୋରରେ ଖେଳିବ ପିସିବି ପି.ଏସ୍.ଏଲ୍.ର ଅବଶିଷ୍ଟାଂଶ ରାଓ୍ୱଲପିଣ୍ଡି ଓ ଲାହୋରରେ ଆୟୋଜନ କରିବା ଲାଗି ଚିନ୍ତା କରୁଛି।

# ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା: ଟିଙ୍କି ମୋହିନୀଙ୍କୁ ରେପ୍ୟ

ଭୁବନେଶ୍ୱର, ୧୩।୫: ବିହାରରେ ଚାଲିଥିବା ସପ୍ତମ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ସୋମବାର ଓଡ଼ିଶାକୁ ଭାରୋତ୍ତୋଳନରୁ ଆଉ ଗୋଟିଏ ରେପ୍ୟ ପଦକ ମିଳିଛି। ଏହି ପଦକଟି ଟିଙ୍କି ମୋହିନୀ ମଲ୍ଲିକ ଜିତିଛନ୍ତି ୬୪ କେଜି ବାଳିକାରେ ସେ ୭୪ କେଜି ସ୍ନାଚ୍ ଏବଂ ୯୮ କେଜି କ୍ଲିନ୍ ଓ ଜର୍କ ସହ ମୋଟ ୧୭୨ କେଜି ଭାର ଉଠାଇ ଦ୍ୱିତୀୟ ସ୍ଥାନରେ ରହି ରେପ୍ୟ ପାଇଥିଲେ। ଆନ୍ଧ୍ରପ୍ରଦେଶର ଗୁଜଲା ବର୍ଷିତା (୭୯ କେଜି ସ୍ନାଚ୍ ଏବଂ ୯୫ କେଜି କ୍ଲିନ୍ ଓ ଜର୍କ) ମୋଟ୍ ୧୭୪ କେଜି ଉଠାଇ ସ୍ୱର୍ଣ୍ଣ ଏବଂ ଆସାମର ଶତାବ୍ଦୀ ଭୂୟାଁ (୭୩ କେଜି ସ୍ନାଚ୍ ଏବଂ ୯୫ କେଜି କ୍ଲିନ୍ ଓ ଜର୍କ) ମୋଟ ୧୭୧ କେଜି ଉଠାଇ କାଂସ୍ୟ ପାଇଥିଲେ। ଟିଙ୍କି ମୋହିନୀଙ୍କ ଏହି ରେପ୍ୟ ସହ ଭାରୋତ୍ତୋଳନରୁ ଓଡ଼ିଶାକୁ ୪ (୨ ସ୍ୱର୍ଣ୍ଣ, ୨ ରୌପ୍ୟ) ପଦକ ଆସିଛି। ସେହିପରି ଏହି ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୮ (୩ ସ୍ୱର୍ଣ୍ଣ, ୫ ରୌପ୍ୟ)ରେ ପହଞ୍ଚିଛି ଖୋ ଖୋରେ ଓଡ଼ିଶା ବାଳିକା ସ୍ୱର୍ଣ୍ଣ ଜିତିଥିଲା ବାଳକ ଦଳ ରୌପ୍ୟ ପାଇଥିଲା ରଗ୍‌ବିରେ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ରେପ୍ୟରେ ସନ୍ତୁଷ୍ଟ ରହିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ